## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ବୈଶିଙ୍ଗା,୮।୪(ରତନ ଦାଶ)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ନଂ. ଜାତୀୟ ରାଜପଥର କଳମାଠାରେ ସୋମବାର ସକାଳେ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କେନ୍ଦ୍ରାପଡ଼ା ଜିଲା ତାଳଚୁଆ ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ଗୁହ୍ମ। ସେ ଉଦଳା ଅଞ୍ଚଳରେ ରହି କାମ କରୁଥିଲେ। ସୂଚନା ଅନୁଯାୟୀ, ପୂର୍ଣ୍ଣଚନ୍ଦ୍ର ବାଇକ୍ ଯୋଗେ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ମାଲ ବୋଝେଇ ଟ୍ରକ୍ ପଛରେ ପିଟି ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ପହଞ୍ଚି ଟ୍ରକ ଓ ବାଇକ୍ ଜବତ କରି ତଦନ୍ତ ଚଳାଇଛି।

### ଖବରଦାତାଙ୍କୁ ଆକ୍ରମଣ ଘଟଣାରେ ୩ ଗିରଫ

ବେତନଟୀ,୮।୪(ଧରଣୀଧର ମହାନ୍ତି): ବେତନଟୀ ଥାନା ଅଧୀନ ଲଙ୍ଗଳକଟା ନିକଟରେ ଖବରଦାତା ଅତନୁ ନାୟକଙ୍କୁ ଶନିବାର ବିଳମ୍ବିତ ରାତିରେ ଆକ୍ରମଣ ଘଟଣାରେ ସୋମବାର ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ ପରେ କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କେଶିପୁର ଫାଣ୍ଡି ଅଧୀନ ଲଙ୍ଗଳାକଟା ଗ୍ରାମର କୁଟୁ ସିଂ, ରାହୁଲ ନାଗ ଓ ରାଜା ଆଣ୍ଡନୀ।

### ଦୁର୍ଘଟଣାରେ କଲେଜ ଛାତ୍ରୀ ଗୁରୁତର

ବୈଶିଙ୍ଗା,୮।୪(ରତନ ଦାଶ)- ମୟୂରଭଞ୍ଜ ଜିଲା ବେତନଟୀ କଲେଜକୁ ପରୀକ୍ଷା ଦେବାକୁ ଆସି ଘରକୁ ଫେରିବା ସମୟରେ ଜଣେ ଛାତ୍ରୀ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି।ସୂଚନା ଅନୁଯାୟୀ, ଗୋବିନ୍ଦପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ଝିଅ ପ୍ରଜ୍ଞାପରମିତା ବେତନଟୀ କଲେଜରେ +୩ କଳାର ପ୍ରଥମ ବର୍ଷ ଛାତ୍ରୀ ଥିଲେ। ସୋମବାର ଅପରାହ୍ଣରେ ସେ ପରୀକ୍ଷା ଦେଇସାରି ତାଙ୍କର ୨ ସାଙ୍ଗ ତାରାକୋଟି ଗ୍ରାମର ଗୌତମ ସାହୁ ଓ ଭଣ୍ଡାରୀକୁଲା ଗ୍ରାମର ଯୋଗେଶ୍ୱର ମହାନ୍ତଙ୍କ ସହିତ ଏକ ସ୍କୁଟିରେ ଘରକୁ ଫେରୁଥିବା ସମୟରେ ବୈଶିଙ୍ଗା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ଯୁଗଳ ଛକ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ପ୍ରଜ୍ଞାପରମିତାଙ୍କର ଗୋଡ଼ ଓ ମୁଣ୍ଡରେ ଶକ୍ତ ଆଘାତ ଲାଗି ଗୁରୁତର ହୋଇ ପଡ଼ିଥିବାବେଳେ ୨ ସାଙ୍ଗ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନାକୁ ନେଇ ଆସିଥିଲେ । ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ବାରିପଦାସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି।

### ବ୍ୟବସାୟୀଙ୍କ ପରଲୋକ

ବେତନଟୀ,୮।୪(ଧରଣୀଧର ମହାନ୍ତି): ବେତନଟୀ ଆନନ୍ଦ ବଜାରରେ ଦୀର୍ଘ ୪୦ ବର୍ଷ ଧରି ବ୍ୟବସାୟ କରି ଆସୁଥିବା ପଣ୍ଡୁଗଡ଼ିଆର ଚନ୍ଦ୍ରମୋହନ ବେହେରା(୬୦)ଙ୍କ ହୃଦଘାତରେ ପରଲୋକ ଘଟିଛି। ଶନିବାର ସେ ଦୋକାନ ବନ୍ଦ କରି ଘରେ ଖାଇସାରି ଶୋଇଥିଲେ। ରବିବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ତାଙ୍କ ମୃତ୍ୟୁକୁ ନେଇ ପାଣ୍ଡୁଗଡିଆ ଗ୍ରାମ ଓ ଆନନ୍ଦବଜାରେ ଶୋକର ଛାୟା ଖେଳିଯାଇଛି।

# ଯବାନଙ୍କୁ ଝୁରୁଛି ଗାଁ ମାଟି

## ରାଷ୍ଟ୍ରୀୟ ମର୍ଯ୍ୟାଦାରେ ଶେଷକୃତ୍ୟ ସମ୍ପନ୍ନ

ଉଦଳା,୮।୪(ସନ୍ତୋଷ କୁମାର ବାଛିନୀ)


ଶହୀଦ ଭଗୀରଥ ମହାନ୍ତଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଉଛି।

ଚତୁର୍ଥ ବିହାର ରେଜିମେଣ୍ଟ ୧୨ ବାଟାଲିୟନରେ କମାଣ୍ଡ ହାବିଲଦାର ମେଜର(ସିଏଚ୍‌ଏମ୍) ଭାବେ କାର୍ଯ୍ୟରତ ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଧୀନ ଧୂମକେଡ଼ା ଗ୍ରାମର ଭଗୀରଥ ମହାନ୍ତଙ୍କ ଦେହାନ୍ତ ହୋଇଛି। ସୋମବାର ତାଙ୍କ ମରଶରୀର ଜନ୍ମମାଟିରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗାର୍ଡ ଅଫ୍ ଅନର ସହ ରାଷ୍ଟ୍ରୀୟ ମର୍ଯ୍ୟାଦାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମରଶରୀରକୁ ଏକ ଶୋଭାଯାତ୍ରାରେ କପ୍ତିପଦା ବଜାର ପରିକ୍ରମା କରାଯାଇଥିଲା। ଶହୀଦ ଭଗୀରଥ ଅମର ରହେ ନାରାରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। କାନ୍ଦ ବୋବାଳିରେ ଗାଁ ଦାଣ୍ଡ ଫାଟିପଡ଼ିଥିଲା। ଶେଷଦର୍ଶନ ପାଇଁ ହଜାର ହଜାର ସ୍ଥାନୀୟ ଲୋକେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ, ଶହୀଦ ଭଗୀରଥ ଲଦାଖ, ଶିଲିଗୁଡ଼ି, ଆସାମ, ଶ୍ରୀନଗରରେ କାର୍ଯ୍ୟ କରିବା ପରେ ରାଜସ୍ଥାନର ଗଙ୍ଗାନଗରକୁ ବଦଳି ହୋଇଥିଲେ। ତେବେ ଗତ ୫ ତାରିଖ ସକାଳେ ସେ କାର୍ଯ୍ୟ କରୁଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ଛତିଶଗଡ଼ କମାଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ଜଣାପଡ଼ିବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଥିଲା। ପୁଅର ମୃତ୍ୟୁ ଖବର ପାଇବା ପରଠାରୁ ତାଙ୍କ ମା'ଙ୍କ ଆଖିରୁ ଲୁହ ଶୁଖୁନାହିଁ। ୫ ବର୍ଷର ପୁଅ ଏବଂ ଦେଢ଼ବର୍ଷର ଝିଅର ମୁହଁକୁ ଚାହିଁ ତାଙ୍କ ସ୍ତ୍ରୀ କୋହ ସମ୍ଭାଳି ରଖିପାରୁ ନ ଥିବା ଦେଖିବାକୁ ମିଳିଛି।

# ନଦୀରୁ ମିଳିଲା ନାବାଳକଙ୍କ ମୃତଦେହ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ,୨ ଅଟକ

ରାଇରଙ୍ଗପୁର,୮।୪(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଅଧୀନ ଖଡ଼ଖାଇ ନଦୀ ଟଙ୍ଗା ପୋଲ ତଳେ ଭାସୁଥିବା ଜଣେ ନାବାଳକଙ୍କ ମୃତଦେହକୁ ସୋମବାର ପୋଲିସ ଜବତ କରିଛି। ମୃତ ନାବାଳକ ହେଲେ ରାଇରଙ୍ଗପୁର ସହର ଠାକୁରାଣୀବେଢ଼ା ବସ୍ତି ଅଞ୍ଚଳର ସେକ୍ ଉସମାନ ଅଲ୍ଲୀଙ୍କ ପୁଅ ସେକ୍ ଆଲାମ (୮)। ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ ଏବଂ ଟାଉନ ଥାନା ଅଧିକାରୀ ସୁଚନ୍ଦ୍ର ମହାଳିକ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛନ୍ତି।

ପ୍ରକାଶ ଯେ, ଉକ୍ତ ବସ୍ତି ଅଞ୍ଚଳର ୨ ସାଙ୍ଗଙ୍କ ସହ ରବିବାର ପୂର୍ବାହ୍ନରେ ଆଲାମ ଖଡ଼ଖାଇ ନଦୀ ଟଙ୍ଗା ପୋଲ ନିକଟକୁ ଗାଧୋଇବା ସକାଶେ ଯାଇ ନିଖୋଜ ଥିଲେ। ପରିବାର ବର୍ଗ ଖୋଜାଖୋଜି କରିଥିଲେ ମଧ ଆଲାମଙ୍କର ପତ୍ତା ମିଳି ନ ଥିଲା। ସୋମବାର ଟଙ୍ଗା ପୋଲ ତଳେ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଏ ସଂକ୍ରାନ୍ତରେ ଥାନାରେ ଏକ ହତ୍ୟା ମାମଲା(ନଂ.୧୨୭/୨୪) ରୁଜୁ ହୋଇଛି। ଆଲାମଙ୍କର ୨ ନାବାଳକ ସାଙ୍ଗଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଥିବା ଥାନା ଅଧିକାରୀ କହିଛନ୍ତି।

# ସୁକାନ୍ତିଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ

ମୋରଡ଼ା,୮।୪(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ହଳଦୀପାଳ ପଞ୍ଚାୟତର ନାରୀନେତ୍ରୀ ସୁକାନ୍ତି ସେଠୀଙ୍କୁ ବିଜୁ ଜନତା ଦଳରୁ ନିଲମ୍ବନ କରାଯାଇଥିଲା। ତେବେ ଏହି ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରାଯାଇଥିବା ବିଜୁ ମହିଳା ଜନତା ଦଳର ସଭାପତିଦୀପ୍ତିଲତା ମିଶ୍ର ଚିଠିସଂଖ୍ୟା ୦୮/ ବିଏମ୍‌ଜେଡି/୨୪ରେ ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟଯେ, ଗତ ୨୦୨୩ ଅକ୍ଟୋବର ୫ରେ ହଳଦୀପାଳ ପଞ୍ଚାୟତର ବିଜୁ ମହିଳା ଜନତା ଦଳର ସଭାପତି ଥିବା ସୁକାନ୍ତିଙ୍କୁ ଦଳରୁ ନିଲମ୍ବନ କରାଯାଇଥିଲା । ତେବେ ବର୍ତ୍ତମାନ ସୁକାନ୍ତିଙ୍କର ଦଳ ପ୍ରତି ଆନୁଗତ୍ୟ ଏବଂ ଶୃଙ୍ଖଳିତ କାର୍ଯ୍ୟକ୍ରମ ହେତୁ ଉକ୍ତ ନିଲମ୍ବନ ଆଦେଶ ଦଳ ପକ୍ଷରୁ ପ୍ରତ୍ୟାହାର କରାଯାଇଛି। ଏନେଇ ସୁକାନ୍ତି ବେଶ ଖୁସି ବ୍ୟକ୍ତ କରିବା ସହିତ ଆଗାମୀ ଦିନରେ ଦଳରେ ନିଷ୍ଠାପର ଭାବେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ତେବେ ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ବିଜୁ ଜନତା ଦଳ ତରଫରୁ ଏପରି ନିଷ୍ପତ୍ତି ନିଆଯାଇଛି ବୋଲି ଆଲୋଚନା ହେଉଛି।

# ମତଦାନ ପ୍ରକ୍ରିୟାକୁ ନେଇ କୁଇଜ୍ ପ୍ରତିଯୋଗିତା

ବାରିପଦା,୮।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଜଣେ ମହିଳା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ମୟୂରଭଞ୍ଜ ଜିଲା ସଦର ମହକୁମା ବାରିପଦାଠାରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଯୁବ ଭୋଟରଙ୍କ ମଧ୍ୟରେ ନିର୍ବାଚନ ସମ୍ପର୍କିତ ସଚେତନତା ଏବଂ ମତଦାନ ପ୍ରକ୍ରିୟାକୁ ନେଇ ପ୍ରଶାସନ ପକ୍ଷରୁ ତତକ୍ଷଣାତ୍ ସାଧାରଣଜ୍ଞାନ ପରୀକ୍ଷା ବା ଇନ୍‌ଷ୍ଟାଣ୍ଟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଛୁଟି ଦିନ ସନ୍ଧ୍ୟା ସମୟରେ ସହରର ପାର୍କ କିମ୍ବା ନିତ୍ୟ ମନୋରଞ୍ଜନ ସ୍ଥାନମାନଙ୍କରେ ଏହି କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଜିଲା ପ୍ରଶାସନ ଏବଂ ବାରିପଦା ପୌରପାଳିକା ଦ୍ୱାରା ଆୟୋଜିତ ଏହି ପ୍ରଜ୍ଞାନଧର୍ମୀ କାର୍ଯ୍ୟକ୍ରମରେ ସାନ ପିଲାଙ୍କଠାରୁ ଆରମ୍ଭ କରି ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ମଧ୍ୟ ଅଂଶଗ୍ରହଣ କରୁଛନ୍ତି। ମତଦାନ ନାଗରିକଙ୍କର ମୌଳିକ ଅଧିକାର। ଏହି ବିଷୟକୁ ଜନାଦୃତ କରିବାପାଇଁ ବାରିପଦାସ୍ଥିତ ଶିଶୁ ପାର୍କଠାରେ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ବାରିପଦା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡ.ମଧୁସ୍ମିତା ସାମନ୍ତରାୟ ଏହାକୁ ସଂଯୋଜନା ଏବଂ ପରିଚାଳନା କରିଥିଲେ। ଅଧିକରୁ ଅଧିକ ଯୁବ ଭୋଟର ତଥା ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ଦେଖିବାକୁ ମିଳୁଛି। ସମସ୍ତ ଅଂଶଗ୍ରହଣକାରୀମାନଙ୍କ ପାଇଁ ପୁରସ୍କାର ତଥା ବିଶେଷକରି ବିଜେତାମାନଙ୍କୁ ସେହି ମୁହୂର୍ତ୍ତରେ ପୁରସ୍କୃତ କରାଯାଉଛି। ଗଣତନ୍ତ୍ରର ମହାନ ପର୍ବ ମତଦାନକୁ ସମସ୍ତେ ନିଜ ଅଧିକାର ସହ ସମ୍ପାଦନା କରିବା ପାଇଁ ଜିଲାପାଳ ନିବେଦନ କରିଛନ୍ତି।

# ଯୁବକଙ୍କ ଆତ୍ମହତ୍ୟା

ଉଦଳା,୮।୪(ସନ୍ତୋଷ କୁମାର ବାଛିନୀ)

କପ୍ତିପଦା ବ୍ଲକ ଅଧୀନ ଭଗାବନ୍ଧ ଗ୍ରାମର ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଚନ୍ଦ୍ରମୋହନ ନାଏକ (୨୨)। ଶନିବାରଠାରୁ ସେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ କେନାଲ ପୋଲ ନିକଟସ୍ଥ ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଖବରପାଇ କପ୍ତିପଦା ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୪/୨୪)ରୁଜୁ ହୋଇଛି।

# ଅପହୃତା ନାବାଳିକା ଉଦ୍ଧାର

ରାଇରଙ୍ଗପୁର,୮।୪(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅଞ୍ଚଳରୁ ଗତ ୪ ଦିନ ତଳେ ଅପହୃତ ଜଣେ ନାବାଳିକାଙ୍କୁ ରବିବାର ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟ ଟାଟା ନଗର୍ ରେଳ ଷ୍ଟେଶନ ନିକଟରୁ ପୋଲିସ ଉଦ୍ଧାର କରିଛି। ଏଥିସହ ଅପହରଣକାରୀ ନାବାଳକଙ୍କୁ ଧରି ଥାନାକୁ ଆଣିଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା(ନଂ.୧୨୪/୨୪) ରୁଜୁ ହୋଇଛି।

# ସାନନ୍ଦ ମାରାଣ୍ଡିଙ୍କୁ ସମ୍ବର୍ଦ୍ଧନା


ବିଜେଡି ପ୍ରାର୍ଥୀ ସାନନ୍ଦ ମାରାଣ୍ଡିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ବାରିପଦା,୮।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଆଦିବାସୀ ହୋ ସାମାଜ ପକ୍ଷରୁ ବାରିପଦା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ସାନନ୍ଦ ମାରାଣ୍ଡିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବାରିପଦା ବ୍ଲକ ହୋ ସମାଜ ସଭାପତି କଟି ସିଂ ବାର୍ଦା ଓ ସମ୍ପାଦକ ସୁନାରାମ ପୂର୍ତ୍ତିଙ୍କ ନେତୃତ୍ୱରେ ସୋମବାର ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ହୋ ସାମାଜ କର୍ମକର୍ତ୍ତା ଗଜେନ୍ଦ୍ର କୁମାର ଗୋଧୂଆ, ବୁଦ୍ଧୁରାମ ପୂର୍ତ୍ତି, ବୁଧରାୟ ବାର୍ଦା, ଅକ୍ଷୟ ଗୁନ୍ଦୁଆ, ସୁରେନ୍ଦ୍ର ବାର୍ଦା, ଲକ୍ଷ୍ମୀଧର ସିଦୁଇ, ମହେଶ୍ୱର ତୁବିଡ, ରାଜୁ ଗଇପାଇ, ବିଜୟ ବାରି, ମଙ୍ଗଳ ପୂର୍ତ୍ତି, ସନାତନ ପୂର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ମୟୂର ସାହିତ୍ୟ ସଂସଦର ବାର୍ଷିକୋତ୍ସବ

ବେତନଟୀ,୮।୪(ଧରଣୀଧର ମହାନ୍ତି)

ବେତନଟୀସ୍ଥିତ ଏମ୍‌ପିସି ହାଇସ୍କୁଲ ପ୍ରାଙ୍ଗଣରେ ମୟୂର ସାହିତ୍ୟ ସଂସଦର ୨୯ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲର ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଅଧିବେଶନରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ସଚ୍ଚିଦାନନ୍ଦ ମହାନ୍ତିଙ୍କ ଅଧକ୍ଷତାରେ ୩୫ ଜଣ କବି ଓ କବୟିତ୍ରୀ କବିତା ପାଠ କରିଥିଲେ। ସନ୍ୟାସୀ ପାତ୍ର, ସବିତା ମହାନ୍ତି, ମନ୍ଦାକିନୀ ସାହୁ, ଡ. ହରିହର ଦାସ, ନିମାୟ ଚରଣ ବେହେରା, ସର୍ବେଶ୍ୱର ଜେନା, ଡ. କୁମାର ବାବୁଲି ପ୍ରମୁଖ କବି ଓ କବିୟତ୍ରୀମାନେ କବିତା ପାଠ କରିଥିଲେ। ଶିଶୁ କଳାକାର ଡଲସି ଜେନା, ପ୍ରିୟାଶୀ ସାହୁ, ବର୍ଷା ପତି ନୃତ୍ୟ ପରିବେଷଣ କରିଥିଲେ। ମିନତି ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିଭଳି ସଂସଦର ସଭାପତି ଭାସ୍କର ଚନ୍ଦ୍ର ଦ୍ୱିବେଦୀଙ୍କ ଅଧକ୍ଷତାରେ ଦ୍ୱିତୀୟ ଅଧିବେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଯତିନ୍ଦ୍ର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ନୀରଦ ସୁନ୍ଦର ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କବି ରତିକାନ୍ତ ବେହେରା ସହଯୋଗ କରିଥିଲେ। ସୌଦାମିନୀ ପଣ୍ଡା, ଜତିନ୍ଦ୍ର ନାଥ ସାହୁ, ସଚ୍ଚିଦାନନ୍ଦ ସାହୁଙ୍କ ଦ୍ୱାରା ଲିଖିତ କବିତା ପୁସ୍ତକ ଉନ୍ମୋଚନ କରାଯାଇଥିଲା। ସତ୍ୟ ପ୍ରକାଶ କର, ରମାକାନ୍ତ ସିଂହ, କୁଳମଣି ବାରିକ, ଡ.ଭାଗବତ ବେହେରା, ଡ. ବିଚିତ୍ରା ନନ୍ଦ ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଡ.ମନ୍ଦାକିନୀ ସାହୁ, ସର୍ବେଶ୍ୱର ଜେନା, ସହଦେବ ଗିରି, ରମେଶ ଚନ୍ଦ୍ର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରବିନ୍ଦ୍ର ନାଥ ମିଶ୍ର, କମଳଲୋଚନ କର, ସନ୍ତୋଷ କୁମାର ଖଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମହୁଲ ବୋଝେଇ ଗାଡ଼ି ଜବତ, ୨ ଗିରଫ

ରାଇରଙ୍ଗପୁର,୮।୪(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ପୋଲିସ ବଡ଼ ବଜାର ନିକଟସ୍ଥ ରେଲୱେ ଲେଭଲ୍ କ୍ରସିଂ ପାଖରୁ ରବିବାର ସନ୍ଧ୍ୟାରେ ଏକ ମହୁଲ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ଏହି ଘଟଣାରେ ୨ ଜଣକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଗାଡ଼ି ଚାଳକ କରଞ୍ଜିଆ ଥାନା ଅନ୍ତର୍ଗତ କଙ୍କଡା ଗ୍ରାମର ହିରାଲାଲ ପରିଡ଼ା ଏବଂ ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଅଁଳାଡୁବା ବସ୍ତିର ସଞ୍ଜୀବ ରାମ। ଏନେଇ ପୋଲିସ ଏକ ମାମଲା (ନଂ.୧୨୬/୨୪) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ସୋମବାର କୋର୍ଟଚାଲାଣ କରିଛି।

# ଡାହାଣୀ ସନ୍ଦେହରେ ବୃଦ୍ଧାଙ୍କୁ ଆକ୍ରମଣ

ମୋରଡ଼ା, ୮।୪(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧୀନ ହାଟସାହି ଗ୍ରାମରେ ଡାହାଣୀ ସନ୍ଦେହରେ ଜଣେ ବୃଦ୍ଧାଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୧୦୧/୨୪) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବୃଦ୍ଧା ଜଣକ ହାଟସାହିସ୍ଥିତ ତାଙ୍କ ଝିଅ ଘରେ ରହୁଥିଲେ। କିଛି ଦିନ ତଳେ ସେହି ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଡାହାଣୀ କୋପରେ ତାଙ୍କର ମୃତ୍ୟୁ ହୋଇଥିବା ଗ୍ରାମବାସୀ ସନ୍ଦେହ କରୁଥିଲେ। ରବିବାର ବୃଦ୍ଧା ଜଣକ ଶୌଚ ହେବାକୁ ସ୍ଥାନୀୟ ପଡ଼ିଆକୁ ଯାଇଥିଲା ବେଳେ ତାଙ୍କୁ ଡାହାଣୀ ଭାବି ଗ୍ରାମର ୧୨ଜଣ ଲୋକ ନିସ୍ଥୁକ ମାଡ଼ ମାରିଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଏ ସଂକ୍ରାନ୍ତରେ ଥାନା ଅଧିକାରିଣୀ ସୁକାନ୍ତି କରେଇଙ୍କୁ ପଚାରିବାରୁ ବୃଦ୍ଧା ଜଣକ ସବୁ ସମୟରେ ନିଶା ସେବନ କରନ୍ତି। ରବିବାର ସେ ଉଲଗ୍ନ ଅବସ୍ଥାରେ ଶୌଚ ହେବାକୁ ଯାଇଥିବାରୁଗ୍ରାମବାସୀ ତାଙ୍କୁମାଡ଼ମାରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା କହିଛନ୍ତି।

**ଦ.ପୂ. ରେଳପଥ - ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ. ଏସ୍‌ଟି-ସିକେପି-ଓଟି-୧୨-୨୦୨୪, ତାରିଖ ୦୮।୦୪।୨୦୨୪।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ସିଗ୍‌ନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର/ଚକ୍ରଧରପୁରଙ୍କ ଦ୍ୱାରା **ଟେଣ୍ଡର ନଂ. ଏସ୍‌ଟି-ସିକେପି-ଓଟି-୧୨-୨୦୨୪-୧** ଆହ୍ୱାନ କରାଯାଉଛି, ଯାହା **ତା୨୯।୦୪।୨୦୨୪ରିଖ ୧୫.୦୦ ଘଟିକା**ରେ ଖୋଲାଯିବା ପାଇଁ ଧାର୍ଯ୍ୟ। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ଝାରସୁଗୁଡ଼ା ପାସେଞ୍ଜର ୟାର୍ଡଠାରେ ଟ୍ରାଫିକ୍ ସୁବିଧାର ଉନ୍ନତୀକରଣ ପାଇଁ ଇଆଇର ପୁନଃ-ଡିଜାଇନିଂ ଲାଗି ସଂଶୋଧନ/ପରିବର୍ତ୍ତନ। **ଟେଣ୍ଡର ମୂଲ୍ୟ:** ₹୧,୦୫,୨୧,୫୫୭.୭୦। **ଅମାନତ ରାଶି:** ₹୨,୦୨,୬୦୦/- । **ସମାପ୍ତି ଅବଧି:** ୦୬ (ଛଅ) ମାସ। ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡର ଫର୍ମଗୁଡ଼ିକ ବିନା ମୂଲ୍ୟରେ ଜାରି କରାଯିବ। (PR-16)

# ଶିମିଳିପାଳ ଅଭୟାରଣ୍ୟ

# ୨ ମାସରେ ୧୧ ପଏଣ୍ଟରେ ନିଆଁ

## ଶତ ପ୍ରତିଶତ ବନାଗ୍ନି ନିୟନ୍ତ୍ରଣ

ବାରିପଦା,୮।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶିମିଳିପାଳ ଅଭୟାରଣ୍ୟରେ ଲାଗିଥିବା ନିଆଁକୁ ଶତ ପ୍ରତିଶତ ସଫଳତାର ସହ ନିୟନ୍ତ୍ରଣ କରାଯାଇଛି। ୨ ମାସ ମଧ୍ୟରେ ଶିମିଳିପାଳର ଦୁଇଟି ଡିଭିଜନର ୧୧ଟି ପଏଣ୍ଟରେ ଲାଗିଥିବା ନିଆଁକୁ କର୍ମଚାରୀମାନେ ଲିଭାଇ ବନାଗ୍ନିକୁ ନିୟନ୍ତ୍ରଣ କରିଥିବା ଶିମିଳିପାଳ କ୍ଷେତ୍ର ନିର୍ଦ୍ଦେଶକ ତଥା ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି ।

ଅଭୟାରଣ୍ୟର ଉତ୍ତର ଡିଭିଜନର କୋର ଅଞ୍ଚଳରେ ମାର୍ଚ୍ଚ ମାସରେ ୨ଟି ଓ ଏପ୍ରିଲ ମାସରେ ୬ଟି ସ୍ଥାନରେ ନିଆଁ ଲାଗିଥିଲା। ସେହିପରି ଏପ୍ରିଲ ମାସରେ ଦକ୍ଷିଣ ଡିଭିଜନର ୩ଟି ପଏଣ୍ଟରେ ନିଆଁ ଜଳୁଥିବା ନେଇ ଖବର ପାଇବା ପରେ ବିଭାଗୀୟ କର୍ମଚାରୀମାନେ ସଂଗେ ସଂଗେ ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଭାବେ ଆୟତ୍ତ କରିଥିଲେ। ଫାୟାର ଲାଇନ ମାଧ୍ୟମରେ ନିଆଁ ଜଳୁଥିବା ସ୍ଥାନକୁ ଘେରାଉ କରି ଆୟତ୍ତ କରାଯାଉଛି। ପ୍ରତିଦିନ ବ୍ଲୋୟାର ମେଶିନ ମାଧ୍ୟମରେ ଫାୟାର ଲାଇନ ସୃଷ୍ଟି କରାଯାଉଥିବା ବେଳେ ବଫର ଅଞ୍ଚଳରେ ବସବାସ କରୁଥିବା ବନବାସୀ ଓ ଆଦିବାସୀମାନଙ୍କୁ ସଚେତନ କରାଯାଉଛି। ଅଦ୍ୟାବଧି ଶତ ପ୍ରତିଶତ ନିଆଁକୁ ରୋକିବାରେ ବନବିଭାଗ ସଫଳ ହୋଇଛି। ଆଗାମୀ ଦିନରେ ପାଟ୍ରୋଲିଂ ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇ ବନାଗ୍ନିକୁ ପ୍ରଶମିତ କରାଯିବ ବୋଲି ଡ. ଗୋଗିନେନୀ କହିଛନ୍ତି।




୨୦୨୧ରେ ହୋଇଥିବା ଶିମିଳିପାଳ ଅଭୟାରଣ୍ୟ ବନାଗ୍ନିର ଭୟାବହତା ଚଳିତ ବର୍ଷ ଦୋହରାଇବାକୁ ଦିଆଯିବ ନାହିଁ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି। ତେବେ ପ୍ରତିବର୍ଷ ଶିମିଳିପାଳରେ ନିଆଁ ଲାଗୁଥିବାରୁ ଅଭୟାରଣ୍ୟରେ ଜୀବଜନ୍ତୁଙ୍କ ସଂଖ୍ୟା କମିବାରେ ଲାଗିଛି। ଶିକାର ଓ ମହୁଲ ସଂଗ୍ରହ କରିବା ଉଦ୍ଦେଶ୍ୟରେ ଲଗାଯାଉଥିବା ନିଆଁକୁ ପ୍ରତିହତ କରିବା ପାଇଁ ବନବିଭାଗ ବିଭିନ୍ନ ଯୋଜନା ହାତକୁ ନେଇଛି। ମନ୍ଦ ଉଦ୍ଦେଶ୍ୟ ରଖି ନିଆଁ ଲଗାଉଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗୀୟ ଅଧିକାରୀମାନେ ପ୍ରକାଶ କରିଛନ୍ତି। ଜିଲାରେ ବାରମ୍ବାର ବର୍ଷା ହେଉଥିବାରୁ ନିଆଁ ଦାଉରୁ ଜଙ୍ଗଲ ରକ୍ଷା ପାଉଥିବା ଜଣାପଡ଼ିଛି।

**ଏ.ଭି.ଏମ୍. ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଖଇରା**

ଶତକଡ଼ା ୨୫ ଭାଗ ପିଲାଙ୍କୁ ମାଗଣାରେ ଶିକ୍ଷାଦାନ

ବିଗତ ବର୍ଷ ପରି ଚଳିତ ଶିକ୍ଷାବର୍ଷ ଏପ୍ରିଲ ୨୦୨୪-୨୫ରେ Directorate of Elementary Education, Odishaଙ୍କ ନିର୍ଦ୍ଦେଶାନୁଯାୟୀ, ପ୍ରଥମ ଶ୍ରେଣୀ ପିଲାଙ୍କର ନାମ ଲେଖା ହେବ । ଏଥିରେ ଶତକଡ଼ା ୨୫ ଭାଗ ଆସନ ଆର୍ଥିକ ଅନଗ୍ରସର, ଦିବ୍ୟାଙ୍ଗ ଓ ଅନୁନ୍ନତ ଜାତି, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କୁ ମାଗଣାରେ ପଢ଼ାଇବାକୁ RTE Act ଅନୁସାରେ www.rteparadarshi.odisha.gov.in Portal ରେ ଆବେଦନ କରିବେ । ଆବେଦନ କରିବାର ଶେଷ ତାରିଖ ତା ୨୬.୦୪.୨୦୨୪ ରିଖ ।

ସ୍ୱା./-ଅଧକ୍ଷ

ଯୋଗାଯୋଗ - ୮୭୯୦୫୭୪୪୭୭

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧

ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧

ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୮୭ | ତା:୦୪।୦୪।୨୦୨୪

**ବିଜ୍ଞାପନ**

No. CAD-39: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଲ୍.ସି.ଆର୍-୩୦୩, ଛେଣ୍ଡ କଲୋନୀ, ଫେଜ୍-୧, ରାଉରକେଲା, ଛେଣ୍ଡ ଗୃହ ନିର୍ମାଣ ପ୍ରକଳ୍ପରେ, ଶ୍ରୀ ଗୋକୁଳାନନ୍ଦ ପାଣିଗ୍ରାହୀ, ପିତା: ୰ଅଭିମନ୍ୟୁ ପାଣିଗ୍ରାହୀ, ସ୍ଥାନ: ପ୍ଲଟ ନଂ. ଏଫ୍-୩୩୫, ସେକ୍ଟର-୭, ସି.ଡି.ଏ., ପୋଷ୍ଟ: ମର୍କତ ନଗର, ଥାନା: ବିଡ଼ାନାସୀ (କଟକ ସଦର), ଜିଲ୍ଲା: କଟକ (ଓଡ଼ିଶା), ପିନ୍: ୭୫୩୦୧୪ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଗୋକୁଳାନନ୍ଦ ପାଣିଗ୍ରାହୀ ଉକ୍ତ ଗୃହଟିକୁ ବିକ୍ରି ଆଧାରରେ ଶ୍ରୀ ମନୋଜ କୁମାର ବେହେରା, ପିତା: ଶ୍ରୀ ମାନଗୋବିନ୍ଦ ବେହେରା, ସ୍ଥାନ: ଗୋକିହା, ପୋଷ୍ଟ: ଡେଙ୍ଗୁରା, ଥାନା: ଖଇରା, ଜିଲ୍ଲା: ବାଲେଶ୍ୱରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0033/2425

# ସଙ୍ଗଠନ ସଜାଡୁଛି ବିଜେଡି

## କଂଗ୍ରେସ, ଭାଜପା ପ୍ରାର୍ଥୀ ଘୋଷଣାରେ ବିଳମ୍ବ

ବାସୁଦେବପୁର,୮।୪ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲାର ବାସୁଦେବପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଘୋଷଣା କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା କଂଗ୍ରେସ ଓ ଭାଜପା ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇ ନାହିଁ। ପ୍ରାର୍ଥୀ ଘୋଷଣା ପରେ ବିଜେଡି ପକ୍ଷରୁ ପ୍ରଚାର ଆରମ୍ଭ ହୋଇଯାଇଛି। ବିଜେଡି ପୁନର୍ବାର ଭରସା କରି ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କୁ ଏହି ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ଭାବେ ଘୋଷଣା କରିଛି। ବିଷ୍ଣୁବ୍ରତ ନିର୍ବାଚନମଣ୍ଡଳୀ ଅଧୀନ ବିଭିନ୍ନ ପଞ୍ଚାୟତରେ ବୁଲି ନିର୍ବାଚନ ପ୍ରଚାର ଆରମ୍ଭ ସହ ମିଶ୍ରଣ ପର୍ବ ମଧ୍ୟ କରିବାରେ ଲାଗିଛନ୍ତି। ଯେଉଁ ପଞ୍ଚାୟତରେ ଦଳୀୟ ସଙ୍ଗଠନ କିଛି ମାତ୍ରାରେ ଦୁର୍ବଳ ଅଛି, ସେସବୁ ପଞ୍ଚାୟତରେ ସଙ୍ଗଠନକୁ ସଜାଡ଼ିବାରେ ଲାଗି ପଡ଼ିଛନ୍ତି।

ଏଯାଏ ଭାଜପା ଏହି ନିର୍ବାଚନମଣ୍ଡଳୀରେ ତା'ର ପ୍ରାର୍ଥୀ ଘୋଷଣା କରିନାହିଁ। ଦଳୀୟ ପ୍ରାର୍ଥୀ ହେବାକୁ ୬ରୁ ଊର୍ଦ୍ଧ୍ୱ ଆଶାୟୀ ଥିବାବେଳେ ପୂର୍ବ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ହୋଇ ୩୫ ହଜାର ଭୋଟ୍ ପାଇବାକୁ ସକ୍ଷମ ହୋଇଥିବା ମାଧବାନନ୍ଦ ମଲ୍ଲିକଙ୍କୁ ପୁଣି ପ୍ରାର୍ଥୀ କରିବ କି ଆଶାୟୀଙ୍କ ମଧ୍ୟରୁ କାହାକୁ ପ୍ରାର୍ଥୀ କରିବ ତାହା ଏଯାଏ ଦଳ ସ୍ପଷ୍ଟ କରିନାହିଁ। ପ୍ରାର୍ଥୀ ଘୋଷଣାରେ ବିଳମ୍ବ ହେଉଥିବାରୁ କର୍ମୀଙ୍କ ମଧ୍ୟରେ ଉତ୍ସାହ କମିବା ଲକ୍ଷ୍ୟ କରାଯାଉଛି। ସେହିପରି କଂଗ୍ରେସ ପକ୍ଷରୁ ଜିଲା ସଭାପତି ତଥା ବାସୁଦେବପୁରର କଂଗ୍ରେସ ନେତା ଅଶୋକ କୁମାର ଦାସଙ୍କୁ ପ୍ରାର୍ଥୀ କରିବା ଏକପ୍ରକାର ନିଶ୍ଚିତ ହୋଇଥିବା ବେଳେ କେବଳ ଦଳୀୟ ଘୋଷଣାକୁ କର୍ମୀ ଅପେକ୍ଷା କରିଛନ୍ତି। ପୂର୍ବ ନିର୍ବାଚନରେ ଏଠାରୁ ଅଶୋକ ଦଳୀୟ ପ୍ରାର୍ଥୀ ହୋଇ କଡ଼ା ଟକ୍କର ଦେଇ ପ୍ରାୟ ୯ ହଜାର ଭୋଟ୍ ପଛରେ ରହି ହାରିଥିଲେ। ଦଳ ଅଶୋକଙ୍କୁ ପ୍ରାର୍ଥୀ ଘୋଷଣା କରି ନ ଥିଲେ ମଧ୍ୟ ସେ ପଞ୍ଚାୟତକୁ ପଞ୍ଚାୟତ ବୁଲି ସଙ୍ଗଠନକୁ ଅଧିକ ସଙ୍ଗଠିତ କରିବାରେ ଲାଗି ପଡ଼ିଛନ୍ତି। ୧୯୯୦ଠାରୁ ୨୦୧୯ ପର୍ଯ୍ୟନ୍ତ ଏହି ବିଧାନସଭା ଆସନରୁ ବିଧାୟକ ଭାବେ କ୍ରମାଗତ ବିଜୟଶ୍ରୀ ରାଉତରାୟ ୬ଥର ବିଧାୟକ ହୋଇଥିଲେ। ୨୦୧୯ ନିର୍ବାଚନରେ ବିଜୟଶ୍ରୀଙ୍କ ପୁଅ ବିଷ୍ଣୁବ୍ରତ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୨୪ ନିର୍ବାଚନ ପାଇଁ ବିଷ୍ଣୁବ୍ରତ ପୁଣି ପ୍ରାର୍ଥୀ ହୋଇଥିବାରୁ ସେ ଏହି ବିଜୟଧାରା ବଜାୟ ରଖିବାକୁ ଦୃଢ଼ ଆଶାବାଦୀ ଥିବାବେଳେ କଂଗ୍ରେସ ଓ ଭାଜପା ତାଙ୍କୁ ଏହି ନିର୍ବାଚନରେ କଡ଼ା ଜବାବ ଦେବାକୁ ରଣନୀତି ପ୍ରସ୍ତୁତ କରୁଥିବା ଚର୍ଚ୍ଚା ହେଉଛି।

## ସଂକ୍ଷେପରେ

### ୧୩ ମଦ ବେପାରୀ ଗିରଫ

ବାସୁଦେବପୁର,୮।୪(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ସୋମବାର ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ୨୧୬ ଲିଟର ଦେଶୀ, ବିଦେଶୀ ମଦ ଜବତ ସହ ୧୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ବେପାରୀମାନେ ହେଲେ ବଂଶୀପାଟଣା ଗ୍ରାମର ମହେନ୍ଦ୍ର ରଣା, ପାରାପୋଖରୀ ଗ୍ରାମର ବଳରାମ ନାୟକ, ବିଦ୍ୟାଧର ବେହେରା ଓ ବଂଶୀଧର ବେହେରା, ରାଧାନାଥପୁରର ବିପିନ ମଲ୍ଲିକ, ଦେଉଳୀର ଗୋପବନ୍ଧୁ ନାୟକ ଓ ନରସିଂହ ନାୟକ, ଭୈରବପୁରର ବିଜୁ ନାୟକ, ଅଙ୍କୁଆର ଶଙ୍କର ମଲ୍ଲିକ ଓ ସୂର୍ଯ୍ୟକାନ୍ତ ମଲ୍ଲିକ, ମନ୍ଦାରୀର ଶରତ ମଲ୍ଲିକ, ବଚ୍ଛଦାର ସୁରେଶ ଚନ୍ଦ୍ର ଭୋଇ ଏବଂ ବାଷଠୀ ଗ୍ରାମର ରାମଚନ୍ଦ୍ର ବାରିକ୍। ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ବାସୁଦେବପୁର ତହସିଲଦାର ସୌଭାଗ୍ୟ ପଣ୍ଡା, ଭଦ୍ରକ ସଦର ଏସ୍‌ଡିପିଓ ସୌରଭ ଓତା, କଷିଆ ସାମୁଦ୍ରିକ ଥାନା ଆଇଆଇସି ସାବିତ୍ରୀ ପଣ୍ଡା, ଚୁଡ଼ାମଣି ସାମୁଦ୍ରିକ ଥାନା ଆଇଆଇସି ବନାନୀ ବେହେରା, ଅବକାରୀ ବିଭାଗ ଇନ୍ସପେକ୍ଟର ଦିଲୀପ କୁମାର ନାୟକ, ଓଆଇସି ନଟବର ମଲ୍ଲିକ, ଏଏସ୍‌ଆଇ ଭବେଶ ଦାଶ, ରମେଶ ଚନ୍ଦ୍ର ନାୟକଙ୍କ ସମେତ ଅବକାରୀ ଓ ପୋଲିସ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ।

### ମାଳଦାରେ ଖୋଲିଲା ଜଳଛତ୍ର

ଭଣ୍ଡାରିପୋଖରୀ,୮।୪ (ରବିନାରାୟଣ ଖିଲାର)

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ପକ୍ଷରୁ ସୋମବାର ପ୍ରଥମ ଜଳଛତ୍ର ଖୋଲାଯାଇଛି। ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତିଙ୍କ ପରାମର୍ଶକ୍ରମେ ଜଳହରିସ୍ଥିତ ବାଲିଚତୁରୀଠାରେ ଜଳଛତ୍ର ଉଦ୍‌ଘାଟିତ ହୋଇଛି। ସରପଞ୍ଚ ମିନତି ପରିଡ଼ା, ସମିତିସଭ୍ୟା ରିତାଞ୍ଜଳି ସାମଲ, ପ୍ରାକ୍ତନ ସରପଞ୍ଚ ମୋହନ ରାୟ, ଯୁବନେତା ପ୍ରତ୍ୟୁଷ ସାମଲ, ଭାଗୀରଥି ପରିଡ଼ା, ହରେକୃଷ୍ଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଖୋଲାଯାଇଥିବା ଜଳଛତ୍ର ଦ୍ୱାରା ଭଣ୍ଡାରିପୋଖରୀରୁ ଯାଜପୁରକୁ ଯାତାୟାତ କରୁଥିବା ପଥଚାରୀ ଓ ସ୍ଥାନୀୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସହ ଗ୍ରାମବାସୀ ଉପକୃତ ହୋଇପାରିବେ।

### ଆଇନ ସାକ୍ଷରତା, ସଚେତନତା

ଭଦ୍ରକ,୮।୪(ସନାତନ ରାଉତ)

ଭଦ୍ରକ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଫୌଜଦାରୀ ଦଣ୍ଡବିଧାନ ଆଇନ ପରିସରଭୁକ୍ତ ଏଫ୍‌ଆଇଆର୍, ଜାମିନ, ନୋଟିସ୍, ୱାରେଣ୍ଟ, ସାଇବର ଅପରାଧ ସମ୍ବନ୍ଧିତ ସଚେତନତା କାର୍ଯ୍ୟକ୍ରମ ଭଦ୍ରକାଳୀ ହାଇସ୍କୁଲରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ରାଇମବ୍ରାଞ୍ଚ ଡିଏସ୍‌ପି ସତ୍ୟ କୁମାର ନନ୍ଦ, ବନ୍ଦନା ଦେବୀ, ପୁରାତନ ଛାତ୍ର ତଥା ଆଇନଜୀବୀ ମନୋରଞ୍ଜନ ଦାସ, ଡ. ତାପସ ମହାନ୍ତି, ମହମ୍ମଦ ଅଲ୍ଲୀ ତାହେର ଓ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ଦାସ ଆଇନ ସେବାର ବିଭିନ୍ନ ଦିଗ ଉପରେ ସଚେତନତା ସୃଷ୍ଟି କରିଥିଲେ।

# ବିକାଶକୁ ଗୁରୁତ୍ୱ ଦେବି: ସଞ୍ଜୀବ


ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ସଞ୍ଜୀବ ମଲ୍ଲିକ, ଏମ୍‌ପି ମଞ୍ଜୁଲତା ମଣ୍ଡଳଙ୍କ ସହ ବିଜେଡି ନେତା।

## ବିଜେଡିର କର୍ମୀ ସମ୍ମିଳନୀ

ବନ୍ତ,୮।୪(ହରି ନାରାୟଣ ମହାନ୍ତି)

ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନମଣ୍ଡଳୀର ବିକାଶକୁ ଗୁରୁତ୍ୱ ଦେଇ ଶ୍ରେଷ୍ଠ ସ୍ଥାନରେ ପହଞ୍ଚାଇବେ। ବାକିଥିବା ବିକାଶମୂଳକ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ। ବରିଷ୍ଠମାନଙ୍କଠାରୁ ପରାମର୍ଶ ନେବା ସହ ମା'ମାନଙ୍କ ପାଖରେ ପହଞ୍ଚିବେ ଏବଂ ଯୁବକମାନଙ୍କୁ ନେଇ ଆଗକୁ ବଢ଼ିବେ ବୋଲି ସୋମବାର ବନ୍ତ ଡିଗିଆଡିସ୍ଥିତ ନୂଆ ବସ୍‌ଷ୍ଟାଣ୍ଡଠାରେ ଅନୁଷ୍ଠିତ ବିଜେଡିର ପ୍ରଥମ ନିର୍ବାଚନୀ କର୍ମୀ ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ସଞ୍ଜୀବ କୁମାର ମଲ୍ଲିକ କହିଛନ୍ତି। ଯୁବନେତା ସୁବାସ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ସଞ୍ଜୀବଙ୍କ ସହ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଜିଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଉପାଧ୍ୟକ୍ଷା ପ୍ରଗତିବାଳା ସ୍ୱାଇଁ, ଭଣ୍ଡାରିପୋଖରୀ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ବନ୍ତ ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟରେ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ସହ ଦଳୀୟ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ନିବେଦନ କରିଥିଲେ।

ଯୁବ ସଭାପତି ସତ୍ୟସାଧନ ବେଜ, ନିର୍ବାଚନମଣ୍ଡଳୀ ସଭାପତି ବିପିନ ନାୟକ, ବ୍ଲକ ଛାତ୍ର ସଭାପତି ପ୍ରଣବ କିଶୋର ଲେଙ୍କା, ଜିଲା ଛାତ୍ର ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ଉପସଭାପତି ଚିନ୍ମୟ ଦାସ, ବରିଷ୍ଠ ନେତା ସେକ୍ ଜଲାଲଉଦ୍ଦୀନ, ପ୍ରଶାନ୍ତ ଦାଶ, ପ୍ରଶାନ୍ତ ସାମଲ, ସମିତିସଭ୍ୟ ପରମେଶ୍ୱର ବାରିକ, ଭବେନ୍ଦ୍ର ସାହୁ, ସ୍ମୃତି ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ୨୫ ପଞ୍ଚାୟତରୁ ୧୦ ହଜାରରୁ ଅଧିକ ମହିଳା ଓ ପୁରୁଷ କର୍ମୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଗଣିଜାଙ୍ଗ ତାରିଣୀ ମନ୍ଦିର ଛକଠାରୁ ଶତାଧିକ କର୍ମୀ ଦଳୀୟ ପ୍ରାର୍ଥୀଙ୍କ ସମେତ ଅନ୍ୟ ନେତୃତ୍ୱମାନଙ୍କୁ ବାଇକ୍ ଶୋଭାଯାତ୍ରାରେ ସଭାସ୍ଥଳ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ।

# ଜବରଦଖଲ ଉଚ୍ଛେଦ ଦାବିରେ ତହସିଲ ଘେରାଉ


ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅଭିଯୋଗ କରିବାକୁ ଆସୁଥିବା ନେଡୁଆଳି ଗାଁ ଲୋକେ।

ଚାନ୍ଦବାଲି,୮।୪(କିଷାନ ପାତ୍ର)

ଜବରଦଖଲ ଉଚ୍ଛେଦ ଦାବିରେ ଚାନ୍ଦବାଲି ବ୍ଲକର ଓରାସାହି ପଞ୍ଚାୟତ ନେଡୁଆଳି ଗ୍ରାମବାସୀ ସୋମବାର ତହସିଲ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଗ୍ରାମ୍ୟ ରାସ୍ତା ସମେତ ପାଣି ନାଳ ଓ ଗୋଚର ଜମିକୁ ଅବରୋଧମୁକ୍ତ ପାଇଁ ସେମାନେ ପ୍ରଥମେ ରାଜସ୍ୱ ଅଧିକାରୀ ଏବଂ ପରେ ତହସିଲଦାରଙ୍କ ନିକଟରେ ଦାବି କରିଥିଲେ। ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଗ୍ରାମବାସୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ତହସିଲ ପ୍ରଶାସନ ପକ୍ଷରୁ ଉଚ୍ଛେଦ ନେଇ କୌଣସି ତତ୍ପରତା ପ୍ରକାଶ ପାଉ ନ ଥିବା ଅଭିଯୋଗ ଆଣି ଗ୍ରାମବାସୀ ସୋମବାର ପ୍ରତିବାଦ କରି ତହସିଲ ଅଫିସ୍ ଘେରାଉ କରିଥିଲେ। ତହସିଲ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ଜଗବନ୍ଧୁ ମାଝୀ, ସୋମନାଥ ମାଝୀ, ହେମନ୍ତ ରାଉତ, ନୃସିଂହ ବିଶ୍ୱାଳ, ସୁରେନ୍ଦ୍ର ଦାସ, କାହ୍ନୁଚରଣ ରାଉତ, ଶଶଧର ରାଉତ, ବିଶ୍ୱନାଥ ମାଝୀ, ବଟକ୍ରୀଷ୍ଣା ରାଉତ, ରବି ରାଉତ, କମଳାକାନ୍ତ ସୁତାର ପ୍ରମୁଖଙ୍କ ସହ ଶତାଧିକ ଗ୍ରାମବାସୀ ଘେରାଉରେ ସାମିଲ ଥିଲେ। ତହସିଲଦାର ଅଶ୍ୱିନୀ କୁମାର ଭୁୟାଁ କହିଛନ୍ତି, କୋର୍ଟ ଅର୍ଡର ପାଇଛନ୍ତି, ଉଚ୍ଛେଦ କାମ ହେବ। ନିର୍ବାଚନ ପାଇଁ ବିଳମ୍ବ ହେଉଛି।

# ବିବାହକୁ ୪ ମାସ ପୂରିନି, ଯୌତୁକ ଜୁଇରେ

ଚାନ୍ଦବାଲି, ୮।୪(କିଷାନ ପାତ୍ର )

ପ୍ରେମବିବାହର ୪ ମାସ ନ ପୂରୁଣୁ ଯୌତୁକରେ ନବବଧୂ। ଯୌତୁକ ପାଇଁ ନବବଧୂଙ୍କୁ ହତ୍ୟା କରାଯାଇଥିବା ନେଇ ବାପଘର ଲୋକେ ଅଭିଯୋଗ କରିଛନ୍ତି। ରବିବାର ଅପରାହ୍ଣରେ ଏଭଳି ଘଟଣା ଘଟିଛି ବାଂଶଡ଼ା ଥାନା ଅଧୀନ ବଜରାପୁର ପଞ୍ଚାୟତର ଷଣ୍ଢଗଡ଼ା ଗ୍ରାମରେ। ମୃତ ମହିଳା ହେଲେ ଗୋପୀନାଥପୁର ପଞ୍ଚାୟତ ବାଲିପଦା ଗ୍ରାମର ଲିପି ସାହୁ। ଶାଶୁଘର ଲୋକେ ଲିପିଙ୍କୁ ତଣ୍ଟି ଚିପି ମାରିଦେଇଥିବା ତାଙ୍କ ଭାଇ ରାଜେନ୍ଦ୍ର ସାହୁ ସୋମବାର ଘଣ୍ଟେଶ୍ୱର ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଶାଶୁଘର ଲୋକେ ଫେରାର ହୋଇଯାଇଛନ୍ତି। ଘଣ୍ଟେଶ୍ୱର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ବାଂଶଡ଼ା ଥାନାରେ ଏକ ହତ୍ୟା ମାମଲା(ନଂ.୧୧୯/୨୪) ରୁଜୁ କରାଯାଇଛି। ସାଇଣ୍ଟିଫିକ୍ ଟିମ୍ ଡକାଇ ତଦନ୍ତ କରାଯାଇଛି। ଅଭିଯୋଗ ଅନୁଯାୟୀ, ବାଲିପଦା ଗ୍ରାମର ରବୀନ୍ଦ୍ର ସାହୁଙ୍କ ଝିଅ ଲିପିଙ୍କର ଷଣ୍ଢଗଡ଼ା ଗ୍ରାମର କମଳାକାନ୍ତ ନାୟକଙ୍କ ସହ ୪ ମାସ ତଳେ ପ୍ରେମବିବାହ ହୋଇଥିଲା। ଉଭୟ ପରିବାର ଲୋକଙ୍କ ଉପସ୍ଥିତିରେ ମନ୍ଦିରରେ ବୈଦିକ ରୀତିନୀତିରେ ବାହାଘର ହୋଇଥିଲା। ବାହାଘର ପରେ ଶାଶୁଘର ଲୋକେ ଯୌତୁକ ପାଇଁ ସବୁବେଳେ ଲିପିଙ୍କୁ ନିର୍ଯାତନା ଦେଉଥିଲେ। ଏନେଇ ଘଣ୍ଟେଶ୍ୱର ଫାଣ୍ଡିରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗର କିଛି ଘଣ୍ଟା ପରେ ଶାଶୁଘର ଲୋକେ ତାଙ୍କ ଭଉଣୀଙ୍କୁ ମାରି ଦେଇଥିବା ନେଇ ମୃତ ଲିପିଙ୍କ ଭାଇ ରାଜେନ୍ଦ୍ର ଏତଲାରେ ଉଲ୍ଲେଖ କରିଛନ୍ତି।

# ପଦ୍ମ ଧରିଲେ ଶତାଧିକ ପରିବାର


ମିଶ୍ରଣ ପର୍ବରେ ନୂତନ କର୍ମୀମାନଙ୍କ ସହ ଭାଜପା କର୍ମକର୍ତ୍ତା।

ଚାନ୍ଦବାଲି,୮।୪ (କିଷାନ ପାତ୍ର)

ଚାନ୍ଦବାଲି ବ୍ଲକର ଯଶିପୁର ପଞ୍ଚାୟତରେ ଭାଜପା ପକ୍ଷରୁ ମେଗା ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଯଶିପୁର ବଜାର ନିକଟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ପଞ୍ଚାୟତ ଭାଜପା ସଭାପତି ଅକ୍ଷୟ କୁମାର ନାୟକଙ୍କ ନେତୃତ୍ୱରେ ଶତାଧିକ ପରିବାର ବିଜେଡି ଛାଡ଼ି ପଦ୍ମ ଧରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଓ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପରେ ଆସ୍ଥା ପ୍ରକଟ କରି ଭାଜପାରେ ଯୋଗ ଦେଇଥିବା ସେମାନେ ପ୍ରକାଶ କରିଛନ୍ତି। ଭାଜପା ଜିଲା ଉପସଭାପତି କମଳାକାନ୍ତ ସୁତାର, ଘଣ୍ଟେଶ୍ୱର ମଣ୍ଡଳ ସଭାପତି ମିତ୍ରଭାନୁ ଦାସ ଓ ରାଜାରାମ ମହାକୁଡ଼ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ନୂତନ କର୍ମୀମାନଙ୍କୁ ସ୍ୱାଗତ କରିଥିଲେ। ବରିଷ୍ଠ ନେତା ତୁଷାର କୁମାର ନାୟକଙ୍କ ସମେତ ଶତାଧିକ ନେତା ଓ କର୍ମୀ ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ।

# 'ଜନମାନସକୁ ଆଲୋଡ଼ିତ କରେ ଗୀତି କବିତାର ସ୍ପନ୍ଦନ'

ତିହିଡ଼ି,୮।୪(ସଞ୍ଜିତ ବଳ)


ତିହିଡ଼ିର ସପ୍ତସ୍ୱର ସାହିତ୍ୟ, ସଙ୍ଗୀତ ଓ ସାଂସ୍କୃତିକ ସଙ୍ଗଠନର ବାର୍ଷିକୋତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭା।

ଉଚ୍ଚାଙ୍ଗ ଭାବ ଓ ସଙ୍ଗୀତଧର୍ମୀତା ଉଭୟ କବିତା ଓ ଗୀତି କବିତାକୁ କାଳଜୟୀ କରିଥାଏ। ତେବେ ଗୀତି କବିତାର ସ୍ପନ୍ଦନ ଜନମାନସକୁ ଆଲୋଡ଼ିତ କରିଥାଏ ବୋଲି କବି ହୃଦାନନ୍ଦ ପାଣିଗ୍ରାହୀ ତିହିଡ଼ିର ସପ୍ତସ୍ୱର ସାହିତ୍ୟ, ସଙ୍ଗୀତ ଓ ସାଂସ୍କୃତିକ ସଙ୍ଗଠନର ବାର୍ଷିକୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ତିହିଡ଼ି ଟାଉନ ହଲ୍‌ରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା କବି ଡ. ଅବନୀ ପ୍ରଧାନ, ବରେଣ୍ୟ ଅତିଥି ଭାବେ କବି ପି. ହୃଷୀକେଶ ଓ ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କବି ଗଙ୍ଗାଧର ଦତ୍ତଙ୍କ ଗୀତି କବିତା ସଂକଳନ 'ଜୀବନ ଗଙ୍ଗା' ଅତିଥିମାନେ ଉନ୍ମୋଚନ କରିଥିଲେ। ସଙ୍ଗୀତଜ୍ଞ ଡ. କେଶବ ଚନ୍ଦ୍ର ଜେନା, କବି ଗୟାଧର ସେଠୀ, କବି ଗୋଲକ ପ୍ରସାଦ ବୈୟାରୀ ଓ ଶିଳ୍ପୀ ରବୀନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗଠନର ସଭାପତି କିଶୋର କୁମାର ନାୟକ ପୌରୋହିତ୍ୟ ଓ ସାହିତ୍ୟିକ ବିଶ୍ୱଜିତ ବେହେରା ସଞ୍ଚାଳନ କରିଥିଲେ। ବିବରଣୀ ପାଠ କରିଥିଲେ ସଙ୍ଗଠନର ସହସମ୍ପାଦକ ଦୈତାରୀ ଜେନା।

ପ୍ରଥମ ଅଧିବେଶନରେ କବି କୃପାସିନ୍ଧୁ ମହାନ୍ତିଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ଭଗବାନ ପାଣିଗ୍ରାହୀ, ବିପ୍ଳବ ରଞ୍ଜନ ପତି, ପୁଷ୍ପାଞ୍ଜଳି ତ୍ରିପାଠୀ, ସୁବାସ ଦାସ, ମୁକୁନ୍ଦଦେବ ନାୟକ, ବସନ୍ତ ଦାସ, କଳ୍ପତରୁ ସେଠୀ, ଗୌରାଙ୍ଗ ନନ୍ଦ ପ୍ରମୁଖ କବିତା ପାଠ କରିଥିଲେ। ସଙ୍ଗୀତଜ୍ଞ ଭାଗୀରଥି ଦତ୍ତ, ପଞ୍ଚାନନ ଦତ୍ତ, ଶରତ ବାରିକ, କୃତିବାସ ଜେନା, ସମୀର ପୁହାଣ, ବିଜୟ ରାଉଳ ପ୍ରମୁଖ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀ ଅଜୟ ନାୟକ ଧନ୍ୟବାଦ ଦେଇଥିଲେ। ତପନ ପଣ୍ଡା, ପ୍ରଶାନ୍ତ ବଳ, ନିତ୍ୟାନନ୍ଦ ଜେନା, ସୁବଳ ମହାଳିକ, ଗୌରକୃଷ୍ଣ ଦତ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କବୟିତ୍ରୀ ଜାନକୀଙ୍କୁ ନୀଳପ୍ରଭା ସାରସ୍ୱତ ସମ୍ମାନ

ଭଦ୍ରକ, ୮।୪ (ରବିନାରାୟଣ ଖିଲାର)

ଭଦ୍ରକ ସହର ହମିରିବିନ୍ଧା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତଥା କବୟିତ୍ରୀ ଜାନକୀ ପାଢ଼ୀଙ୍କୁ ନୀଳଗିରି ଅଞ୍ଚଳର ନୀଳପ୍ରଭା ଅନୁଷ୍ଠାନ ପକ୍ଷରୁ ନୀଳପ୍ରଭା ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଛି। ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ବିଶେଷ ଅବଦାନ ଥିବା ବ୍ୟକ୍ତିବିଶେଷଙ୍କୁ ପ୍ରତିବର୍ଷ ଅନୁଷ୍ଠାନ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ଗଣଚେତନାର ବରିଷ୍ଠ କବି ଗଙ୍ଗାଧର ଦାସଙ୍କ ସଂଯୋଜନା ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କାଳୀପଦ ପଣ୍ଡାଙ୍କ ସଭାପତିତ୍ୱରେ ନୀଳଗିରିର ଅଁଳାପାଳଠାରେ ବସନ୍ତ ଉତ୍ସବ ଓ ଜିଲାସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ବଂଶୀଧର ଚୋଧୁରୀ, ଡ. ରବୀନ୍ଦ୍ର ନାରାୟଣ ଚୌଧୁରୀ, ସାହିତ୍ୟିକ ଇଂ. ଅଭୟ ସୁତାର, ଧ୍ୱନି ପ୍ରତିଧ୍ୱନିର ସମ୍ପାଦକ ସୃଷ୍ଟିଧର ପରିଡ଼ା ପ୍ରମୁଖ ଅତିଥି ଭାବେ ଯୋଗଦେଇ କବୟିତ୍ରୀ ପାଢ଼ୀଙ୍କୁ ସମ୍ମାନିତ କରିଥିଲେ। କବି ପଦ୍ମଲୋଚନ ପ୍ରଧାନ, ବାବୁରାମ ରାଉତ, ସତ୍ୟଭାମା ମୁଦୁଲି, ଶଶିକାନ୍ତ ବେହେରାଙ୍କ ଭଳି ବହୁ ସାରସ୍ୱତ ସ୍ରଷ୍ଟା ବସନ୍ତ ମିଳନ ସମ୍ପର୍କରେ ଆଲୋଚନା କରିଥିଲେ। କବି ଭକ୍ତଶ୍ରୀ ଦାସ ଧନ୍ୟବାଦ ଦେଇଥିଲେ।

# ବିଭିନ୍ନ ଉତ୍ସବରେ ଯୋଗଦେଲେ ବିଧାୟକ

ଭଣ୍ଡାରିପୋଖରୀ, ୮।୪ (ରବିନାରାୟଣ ଖିଲାର)

ଭଦ୍ରକ ବିଧାୟକ ତଥା ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ସଞ୍ଜୀବ କୁମାର ମଲ୍ଲିକ ଏହି ବ୍ଲକରେ ଅନୁଷ୍ଠିତ ବିଭିନ୍ନ ଉତ୍ସବରେ ଯୋଗ ଦେଇଛନ୍ତି। ମାଳଦା ପଞ୍ଚାୟତର ପାଲା ମଣ୍ଡପରେ ଅନୁଷ୍ଠିତ ବାଦୀପାଲା ଉତ୍ସବ, ଆଖୁଆପଦାଠାରେ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ସହ ହରପାର୍ବତୀ ପୂଜାର୍ଚ୍ଚନା କରିବା ସହ ବାହାଡଲପୁରପୁରଠାରେ ବିଜେଡି ନେତା ଜୟନ୍ତ ମହାନ୍ତି ଓ ସମ୍ପଙ୍କରେ ସ୍ୱର୍ଗତ ବେଲ ଦେବୀଙ୍କ ଶ୍ରାଦ୍ଧୋତ୍ସବ ସେ ଯୋଗଦାନ କରିଥିଲେ। ସେହିପରି ଦକ୍ଷିଣବାଡ଼ ପଞ୍ଚାୟତ ଉତ୍ତରବାଡ଼ ଓ ଶାସନ ଗ୍ରାମ ସଂକୀର୍ତ୍ତନରେ ଯୋଗ ଦେଇଥିଲେ। ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ଜିଲା ଛାତ୍ର ବିଜେଡି ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ସନ୍ତୋଷ ମହାପାତ୍ର, ସତ୍ୟାନନ୍ଦ ମହାପାତ୍ର, ମନୋରଞ୍ଜନ ସାହୁ, ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ପ୍ରାକ୍ତନ ସମିତିସଭ୍ୟ ନୃସିଂହ ଚରଣ ଖିଲାର, ମୋହନ ରାୟ, ଯୁବନେତା ପ୍ରତ୍ୟୁଷ ସାମଲ, ଦେବେନ୍ଦ୍ର ଦାଶ, ଚନ୍ଦ୍ରକାନ୍ତ ମହାନ୍ତି, ଭାଗୀରଥି ପରିଡ଼ା, ନୀଳମଣି ବୋଇତି ପ୍ରମୁଖ ଉପସ୍ଥିତ ଥିଲେ।


ମାଳଦାରେ ବାଦୀପାଲା ଉତ୍ସବରେ ଯୋଗଦେବା ଅବସରରେ ବିଧାୟକ ସଞ୍ଜୀବ ମଲ୍ଲିକ ଓ ଅନ୍ୟମାନେ।

# ଆଦର୍ଶ ଆଚରଣ ବିଧିରେ ପାଳନ ହେବ ଇଦ୍


ପ୍ରସ୍ତୁତି ବୈଠକରେ ଅଧିକାରୀ, ମୁସ୍‌ଲିମ୍ ଜମାତର କର୍ମକର୍ତ୍ତା ଓ ଶାନ୍ତି କମିଟି ସଦସ୍ୟ।

ଭଦ୍ରକ,୮।୪(ସନାତନ ରାଉତ)

ସାଧାରଣ ନିର୍ବାଚନ ପାଇଁ ଲାଗୁ ହୋଇଥିବା ଆଦର୍ଶ ଆଚରଣ ବିଧି ମୁତାବକ ଇଦ୍ ପର୍ବ ପାଳନ କରାଯିବ। ଏନେଇ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ସୋମବାର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭଦ୍ରକ ସହରରେ ଥିବା ସମୁଦାୟ ୩୬ ମସ୍‌ଜିଦ୍‌ରେ ଗୁରୁବାର ସକାଳ ୮ଟାରୁ ପୂର୍ବାହ୍ଣ ୧୦ଟା ମଧ୍ୟରେ ପୃଥକ୍ ସମୟରେ ପ୍ରାର୍ଥନା କରାଯିବ ବୋଲି ମୁସ୍‌ଲିମ ଜମାତ ପକ୍ଷରୁ ସୂଚନା ଦିଆଯାଇଛି। କୁଆଁସସ୍ଥିତ ଇଦ୍‌ଗାଠାରେ ସକାଳ ୯ଟା ୩୦ରୁ ପୂର୍ବାହ୍ଣ ୧୦ଟା ମଧ୍ୟରେ ସାମୂହିକ ପ୍ରାର୍ଥନା ଅନୁଷ୍ଠିତ ହେବ। ଜନସମାବେଶ ପାଇଁ ଟ୍ରାଫିକ୍ ନିୟନ୍ତ୍ରଣ, ଆମ୍ବୁଲାନ୍ସ, ପାଣିଟାଙ୍କି ଯୋଗାଣ ସହ ରାସ୍ତା ଆଲୋକ ବ୍ୟବସ୍ଥା ଆଦି ଉପରେ ଦୃଷ୍ଟି ଦେବାକୁ ଜିଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଟ୍ରାଫିକ୍ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ବିଭାଗର ପ୍ରସ୍ତୁତି ସମ୍ବନ୍ଧରେ ଏସ୍‌ପି ବରୁଣ ଗୁଣ୍ଟୁପାଲି ସୂଚନା ପ୍ରଦାନ କରିଥିଲେ। ବୈଠକରେ ଜିଲାପାଳ, ଏସ୍‌ପିଙ୍କ ସହ ଜିଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ରାମଦାସ ଗୁଡୁ, ଉପଜିଲାପାଳ ମନୋଜ ପାତ୍ର, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଡିଏସ୍‌ପି ଡିଆଇବି ପ୍ରଭାତ କୁମାର ବିଶ୍ୱାଳ ଓ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଯୋଗ ଦେଇଥିଲେ। ପୁରୁଣାବଜାର ଓ ଟାଉନ ଥାନା ଅଧିକାରୀଙ୍କ ସହ ଶାନ୍ତି କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

# ସୂଚନା ଫଳକ ଭାଙ୍ଗିଦେଲେ

ବନ୍ତ,୮।୪ (ହରିନାରାୟଣ ମହାନ୍ତି)


ନିଳୋକ ହରିହର ନୋଡାଲ ଉ.ପ୍ରା. ବିଦ୍ୟାଳୟ ପରିସରରେ ଭଙ୍ଗାଯାଇଥିବା ସୂଚନା ଫଳକ।

ବନ୍ତ ବ୍ଲକ ନିଳୋକ ପଞ୍ଚାୟତରେ ସରକାରୀ ସୂଚନା ଫଳକଗୁଡ଼ିକୁ ଦୁର୍ବୃତ୍ତମାନେ ବାରମ୍ବାର ଭାଙ୍ଗୁଥିବା ଦେଖାଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ନିଳୋକ ହରିହର ନୋଡାଲ ଉ.ପ୍ରା. ବିଦ୍ୟାଳୟ ପରିସରରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ୨ଲକ୍ଷ ୫୦ ହଜାର ଟଙ୍କା ଅଟକଳ ମୂଲ୍ୟରେ ସ୍କୁଲର ଉନ୍ନତୀକରଣ ନେଇ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବାର ଥିଲା। ଏନେଇ ପଞ୍ଚାୟତ ସମିତି ପକ୍ଷରୁ ମାସକ ତଳେ ସୂଚନା ଫଳକ ନିର୍ମାଣ ହୋଇଥିଲା। ମାତ୍ର ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଯିବା ଫଳରେ ଉକ୍ତ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ରବିବାର ରାତିରେ କେହି ଦୁର୍ବୃତ୍ତ ବିଦ୍ୟାଳୟ ପରିସରକୁ ପ୍ରବେଶ କରି ଉକ୍ତ ସୂଚନା ଫଳକ ଭାଙ୍ଗି ଦେଇଛନ୍ତି।

ସେହିପରି ୨୦୨୩-୨୪ ଆର୍ଥିକ ବର୍ଷରେ ୧୫ତମ କେନ୍ଦ୍ରୀୟ ଅର୍ଥ କମିଶନ ଯୋଜନାରେ ୧ ଲକ୍ଷ ୫୦ ହଜାର ଟଙ୍କା ଅଟକଳ ମୂଲ୍ୟରେ ଉକ୍ତ ବିଦ୍ୟାଳୟ ପାର୍ଶ୍ୱରେ ଥିବା ଖେଳ ପଡ଼ିଆର ଉନ୍ନତୀକରଣ କାର୍ଯ୍ୟର ସୂଚନା ଫଳକକୁ ଦୁର୍ବୃତ୍ତମାନେ ଏକ ମାସ ତଳେ ଭାଙ୍ଗି ଦେଇଥିଲେ। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ମୋବାଇଲ ଫାଟି ଯୁବକ ଗୁରୁତର

ଯୋଡ଼ା,(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ବିଛାକୁଣ୍ଡି ଅଞ୍ଚଳରେ ଏକ ଅଘଟଣ ଘଟିଯାଇଛି। ବିଷ୍ଣୁ ମହାନ୍ତ ନାମକ ଯୁବକ ପ୍ୟାଣ୍ଟ ପକେଟ୍‌ରେ ମୋବାଇଲ ରଖିଥିବା ବେଳେ ବ୍ୟାଟେରୀ ଫାଟି ଯିବାରୁ ବାମ ପାର୍ଶ୍ୱ ଜଙ୍ଘରେ ଆଘାତ ଲାଗିଛି। ମୋବାଇଲ ବ୍ୟାଟେରୀ ଫାଟିବାର କାରଣ ଅସ୍ପଷ୍ଟ ଥିବା ବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ଯୋଡ଼ାସ୍ଥିତ ଟାଟା ଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କର ଅବସ୍ଥା ସ୍ୱାଭାବିକ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି।



## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ଡେଙ୍ଗିକୋଟ,୮।୪(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଡେଙ୍ଗିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ଖଣ୍ଡଘର ପଞ୍ଚାୟତ ତଣ୍ଡିବେଡା ଗ୍ରାମରେ ରବିବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଗ୍ରାମର ଯୁବକମାନେ ଡେଙ୍ଗିକୋଟ ବଜାରରୁ ବାଇକ୍ ଯୋଗେ ଫେରିବାବେଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବୃଦ୍ଧ ଜଣକ ପଡ଼ିଥିବା ଦେଖିଥିଲେ। ଡେଙ୍ଗିକୋଟ ପୋଲିସ ବିଟ୍ ହାଉସ ଅଧିକାରୀ ତ୍ରିନାଥ ନାୟକଙ୍କୁ ଜଣାଇଥିଲେ। ପୋଲିସ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଘଟଗାଁ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା। ମାତ୍ର ଡାକ୍ତର ବୃଦ୍ଧଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ଅପରାହ୍ନ ପର୍ଯ୍ୟନ୍ତ ବୃଦ୍ଧଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟରେ ୯୬ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖିଛନ୍ତି। ଯଦି କେହି ପରିଚୟ ପାଆନ୍ତି ତେବେ ପୋଲିସଙ୍କୁ ଜଣାଇବା ପାଇଁ କହିଛନ୍ତି। ନ ଚେତ୍ ଆସନ୍ତା ୧୦ ତାରିଖରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦନ ପରେ ଶେଷକୃତ କରାଯିବ ବୋଲି କୁହାଯାଇଛି। ଏକ ମାମଲା(ନଂ. ୧୭୪/୨୪) ରୁଜୁ ହୋଇଛି। ଡେଙ୍ଗିକୋଟ ପୋଲିସ ବିଟ୍ ହାଉସର ଏଏସ୍ଆଇ ସୁରଥ ଚନ୍ଦ୍ର ଦେହୁରୀ ଘଟଣାର ତଦନ୍ତ କରୁଛନ୍ତି।

### ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ବୈଠକ

କେନ୍ଦୁଝର,୮।୪(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ପୋଲିସ କଲ୍ୟାଣ ମଣ୍ଡପଠାରେ ଅବସରପ୍ରାପ୍ତ ପୋଲିସ ବିଭାଗ କର୍ମଚାରୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପୋଲିସ ଅବସରପ୍ରାପ୍ତ କର୍ମଚାରୀ ସଂଘ କେନ୍ଦୁଝର ଶାଖାର ଏକ ଶାଖା ଖୋଲିବା ନେଇ ଆଲୋଚନା ହୋଇଥିଲା। ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ରବିନାରାୟଣ ସିଂଙ୍କ ଅଧ୍ୟକ୍ଷତାରେ ଅତିଥି ଭାବରେ ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ଦାଶରଥୀ ନାଏକ, ପୂର୍ବତନ କନଷ୍ଟେବଲ ଓ ହାବିଲଦାର ସଂଘର କେନ୍ଦୁଝର ଶାଖାର ସଭାପତି ନାରାୟଣ ମିଶ୍ର, କୀର୍ତ୍ତନ ବିହାରୀ ଜେନା, ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, ଦୁଷ୍ମନ୍ତ ବେହେରା, କାଙ୍ଗାଳି ବାରିକ, ଅବସରପ୍ରାପ୍ତ ସବ୍ ଇନ୍ସପେକ୍ଟର ଦଶରଥ ମହାନ୍ତ, ମଲ୍ଲିକ ସାହୁ ଯୋଗଦେଇ ସଂଘର ଆବଶ୍ୟକତା, ଅବସରପ୍ରାପ୍ତ କର୍ମଚାରୀଙ୍କ ସମସ୍ୟା ଓ ନବ ଗଠିତ ସଂଘର ପଞ୍ଜୀକରଣ ବିଷୟରେ ମତାମତ ଗ୍ରହଣ କରାଯାଇଥିଲା।

### ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ୨୯୧ ବୁଥ୍

ହାଟଡ଼ିହୀ(ଶୁଭକାନ୍ତ ନାୟକ)/ସୋସୋ(ସତ୍ୟବ୍ରତ ଜେନା)୮।୪: କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ୨୯୧ବୁଥ୍‌ରେ ଭୋଟର ମତଦାନ କରିବେ। ହାଟଡ଼ିହୀ ବ୍ଲକ୍ ଅଧୀନ ୩୧ ପଞ୍ଚାୟତରେ ୧୬୮ କେନ୍ଦ୍ର, ଆନନ୍ଦପୁର ବ୍ଲକ୍ ୧୮ ପଞ୍ଚାୟତରେ ୯୦, ଆନନ୍ଦପୁର ମ୍ୟୁନିସିପାଲିଟି ଅଧୀନ ୧୬ ୱାର୍ଡରେ ୩୩ ଭୋଟ କେନ୍ଦ୍ର ରହିଛି। ବିଧାନସଭା କ୍ଷେତ୍ରରେ ମୋଟ ଭୋଟରଙ୍କ ସଂଖ୍ୟା ୨,୩୪,୭୬୫ ରହିଥିବା ବେଳେ ହାଟଡ଼ିହୀ ବ୍ଲକରେ ୧,୩୧,୫୦୬ ଭୋଟର ଅଛନ୍ତି। ପୁରୁଷ ଭୋଟରଙ୍କ ସଂଖ୍ୟା ୬୬,୫୨୬ ଏବଂ ମହିଳା ଭୋଟରଙ୍କ ସଂଖ୍ୟା ୬୪,୯୭୩ ଥିବା ବେଳେ ଅନ୍ୟାନ୍ୟ ୭ ଜଣ ଥିବା ହାଟଡ଼ିହୀ ବ୍ଲକ୍ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶରତ ବେଜ ସୂଚନା ଦେଇଛନ୍ତି।

### ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପରଲୋକ

ରାମଚନ୍ଦ୍ରପୁର,୮।୪(ଗଣେଶ୍ୱର ସା): କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଅନ୍ତର୍ଗତ ମଛାଲୋ ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ନଟବର ଜେନା (୮୭)ଙ୍କ ସୋମବାର ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ପୁଅ ପୂର୍ବତନ ସରପଞ୍ଚ ମନୋଜ ଜେନା, ବିଜୟ ଜେନା, ହେମନ୍ତ ଜେନା ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ସେଲ ଜିଲା ସଂଯୋଜକ ଡ଼ ଶମ୍ଭୁନାଥ ରାଉତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।



# ରାସ୍ତା ନିର୍ମାଣ ନ ହେଲେ ଭୋଟ ବର୍ଜନ

- ପଳାଶପଙ୍ଗା-ବାମେବାରୀ ରାସ୍ତା ମରଣଯନ୍ତା
- ରାସ୍ତାରେ ପାଣି ସିଞ୍ଚନ ଆଦେଶ

କେନ୍ଦୁଝର,୮।୪(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ଖଣି ଅଞ୍ଚଳର ଲାଇଫ ଲାଇନ କୁହାଯାଉଥିବା ପଳାଶପଙ୍ଗା–ବାମେବାରୀ ରାସ୍ତା ମରାମତି ଅଭାବରୁ ମରଣଯନ୍ତା ପାଲଟିଛି। ବିଶେଷ କରି ପଳାଶପଙ୍ଗାରୁ କଣ୍ଡରାପଶି ରାସ୍ତାର ୩ କି.ମି. ରାସ୍ତା ମରାମତି ସହ ବାୟୁ ପ୍ରଦୂଷଣ ରୋକିବା ପାଇଁ ପାଣି ସିଞ୍ଚନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏହାର ମରାମତି ନ ହେଲେ ଚଳିତ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ସୋମବାର କେନ୍ଦୁଝର ସଦର ବ୍ଲକ୍ କଣ୍ଡରାପଶି ପଞ୍ଚାୟତର ମହିଳା ଓ ପୁରୁଷମାନେ ସରପଞ୍ଚ ଅଯୋଧ୍ୟା ନାୟକଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ଦେଇଛନ୍ତି। ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଯିବେ ନାହିଁ ବୋଲି କହି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶାନ୍ତିଶୃଙ୍ଖଳାର ସହ ପ୍ରଦର୍ଶନ କରିଥିଲେ।

ଅଭିଯୋଗ ମୁତାବକ, ୨୮ କି.ମି. ଦୀର୍ଘ ପଳାଶପଙ୍ଗା–ବାମେବାରୀ ରାସ୍ତାରେ ଦୈନିକ ଅନେକ ହଜାର ଲୁହାପଥର



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀ।

ବୋଝେଇ ଟ୍ରକ୍, ଟ୍ରେଲର, ହାଇୱା ଆଦି ଭାରିଯାନ ଚଳାଚଳ ଯୋଗୁ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଧୂଳିଧୂଆଁ ଉଡ଼ି ପରିବେଶ ପ୍ରଦୂଷଣ ହେବା ସହ ରାସ୍ତା କଡ଼ରେ ଥିବା ଘରବାଡି, ଜଳାଶୟ ପ୍ରଦୂଷିତ ହୋଇ ଲୋକେ ନର୍କ ଯନ୍ତ୍ରଣା ଭୋଗୁଛନ୍ତି। ରାସ୍ତା ଖରାପ ଯୋଗୁ ଟ୍ରକ୍ ବ୍ରେକ୍ ଡାଉନ ହେଉଥିବାରୁ ଟ୍ରକ୍ ଧାଡି ଯୋଗୁ ଯାତାୟାତ ବ୍ୟାହତ ହେବା ସହ ଦୁର୍ଘଟଣାର କାରଣ ସାଜୁଛି। ହଜାର ସଂଖ୍ୟାରେ ଟ୍ରକ ଛିଡ଼ା ହୋଇ ରହୁଥିବାରୁ ଯାତାୟାତରେ ସମସ୍ୟା ଉପୁଜିଥିବା କହିଛନ୍ତି। ଆପତକାଳୀନ ସମୟରେ ଆମ୍ବୁଲାନ୍ସ ଯିବାକୁ ମଧ୍ୟ ଅମଙ୍ଗ ହେଉଛି। ଏ ନେଇ ଗତ ଅକ୍ଟୋବର ୧୯ରେ ସ୍ଥାନୀୟ ଲୋକଙ୍କ ଆନ୍ଦୋଳନ ବେଳେ ଖଣି ଓ କାରଖାନା ଦୈନିକ ପାଣି ସିଞ୍ଚନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତାହା ହେଉ ନ ଥିବା କହିଥିଲେ। ଏଣୁ ଲୋକଙ୍କ ସୁରକ୍ଷିତ ଯାତାୟାତ ବ୍ୟବସ୍ଥା କରି ଲୁହାପଥର ପରିବହନ, ୨୪ ଘଣ୍ଟା ମଧ୍ୟରେ ରାସ୍ତାକାମ ଆରମ୍ଭ କରିବା ସହ ପାଣି ସିଞ୍ଚନ ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ନିର୍ବାଚନ ପରେ ସମାଧାନ କରାଯିବ ଏବଂ ଏବେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ପାଣି ସିଞ୍ଚନ ବ୍ୟବସ୍ଥା କରାଯିବ ବୋଲି କେନ୍ଦୁଝର ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁ ଆଲୋଚନା କରି କହିବା ପରେ ସେମାନେ ଫେରିଥିଲେ। ପୂର୍ବତନ ସରପଞ୍ଚ ମାୟାଧର ମହାନ୍ତ କହିଛନ୍ତି, ୩ କି.ମି. ରାସ୍ତା ପାଇଁ ଦୀର୍ଘ ୨ ବର୍ଷ ହେଲା ଆନ୍ଦୋଳନ କରିଆସୁଥିଲେ ହେଁ ସମାଧାନ କରାଯାଉନାହିଁ। ଆନ୍ଦୋଳନ କଲେ ଲୁହାପଥର ପରିବହନ ବାଧାପ୍ରାପ୍ତ ହେଲେ କମ୍ପାନୀ ଆସି ପ୍ରତିଶ୍ରୁତି ଦେଇ ଆନ୍ଦୋଳନରୁ ଉଠାଇଦେଇଥାନ୍ତି। କିନ୍ତୁ ପରେ ପ୍ରତିଶ୍ରୁତି ଖିଲାପ କରି ପାଣି ସିଞ୍ଚନ ବି ବନ୍ଦ କରିଦେଇଛନ୍ତି। ଖରାପ ରାସ୍ତାରେ ସ୍କୁଲ ପିଲାମାନେ ଯିବା ଆସିବା କରିପାରୁନାହାନ୍ତି। ବସ ବନ୍ଦ ହୋଇଯାଇଥିବାରୁ ଲୋକେ ହାଟବଜାର ଯିବା ଆସିବା କରିପାରୁନାହାନ୍ତି।

# ରକ୍ତ ଦେଇ ମହିଳାଙ୍କ ଜୀବନ ବଞ୍ଚାଇଲେ ଡାକ୍ତର

କେନ୍ଦୁଝର,୮।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ଡିମ୍ବୋ ତେନ୍ତୁଳିନଣ୍ଡା ଗ୍ରାମର ଯକ୍ଷ୍ମା ରୋଗରେ ପୀଡ଼ିତ ସୁକୁମାରୀ ସେଠୀ(୫୨)ଙ୍କୁ ରକ୍ତ ଦେଇ ଡା. ଶିବ ଚରଣ ବାଗ ଏକ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ସୁକୁମାରୀ ଗୁରୁତର ଥିବାରୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସେ ଯକ୍ଷ୍ମାରୋଗ ବିଭାଗ ୯ ନମ୍ବର ଶର୍ଯ୍ୟାରେ ଚିକିତ୍ସାଧୀନ ହେଉଥିବା ବେଳେ ତାଙ୍କ ପରିବାର ଲୋକେ ତାଙ୍କୁ ପଚାରୁ ନାହାନ୍ତି। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତୁରନ୍ତ ଏବି ପଜେଟିଭ ରକ୍ତ ଦେବାକୁ ପରାମର୍ଶ ଦେଇଥିଲେ। ସ୍ୱେଚ୍ଛାସେବୀ ସଂଗଠନ ଲାଇଫସେଭର୍ସ ଗ୍ରୁପର ସଦସ୍ୟଙ୍କଠାରୁ ଖବର ପାଇ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. ଶିବ ଚରଣ ବାଗ ରକ୍ତ ଦେଇ ସୁକୁମାରୀଙ୍କ ଜୀବନ ବଞ୍ଚାଇଛନ୍ତି। ତାଙ୍କର ଏଭଳି ସେବା ମୂଳକ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଏବି ପଜିଟିଭ ରକ୍ତ ନ ମିଳିବାରୁ ତାଙ୍କୁ ଖବର ମିଳିବା ପରେ ସେ ନିଜେ ଜିଲା ମୁଖ୍ୟ ଡାକ୍ତରଖାନା ଯାଇ ରକ୍ତ ଦେଇଛନ୍ତି। ରୋଗୀଙ୍କ ଚିକିତ୍ସା କରିବା ସହ ଆବଶ୍ୟକ ହେଲେ ରକ୍ତ ଦେବା ତାଙ୍କ ଦାୟିତ୍ୱ ବୋଲି ପ୍ରତିକ୍ରିୟାରେ କହିଥିଲେ।



# ଭୋଟହାର ବୃଦ୍ଧି ପାଇଁ ସଚେତନତା ପଦଯାତ୍ରା

କେନ୍ଦୁଝର,୮।୪(ଦୀପକ ମିଶ୍ର)

କେନ୍ଦୁଝର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ବିଶାଲ ସିଂହଙ୍କ ତତ୍ତ୍ୱାବଧାନରେ ଜିଲାରେ ଭୋଟହାର ବୃଦ୍ଧି ପାଇଁ ବିଶେଷ ପରିକଳ୍ପନା କରାଯାଇ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯାଉଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଭୋଟର ସଚେତନତା ପଦଯାତ୍ରା ସହର ପରିକ୍ରମା କରି ହ୍ୟାଣ୍ଡବଲ ପଡ଼ିଆରେ ପହଞ୍ଚିଥିଲା। ପଦଯାତ୍ରାକୁ ଭାରତ ନିର୍ବାଚନ ଆୟୋଗଙ୍କ ବରିଷ୍ଠ ଉପଦେଷ୍ଟା ଡ. ସାଧନା ରାଉତ ଏବଂ ଜିଲାପାଳ ଶାଗୁଆ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବହୁ ସଂଖ୍ୟାରେ ଯୁବତୀ, ଯୁବକ ସାମିଲ ହୋଇ ଜନସାଧାରଣଙ୍କୁ ଭୋଟ ଦେବା ପାଇଁ ପ୍ରବର୍ତ୍ତାଇ ଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ



ପଦଯାତ୍ରରରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଅଧିକାରୀମାନେ।

ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଉପ ଜିଲାପାଳ ତ୍ରିଲୋଚନ ମହାନ୍ତି, କେନ୍ଦୁଝରଗଡ଼ ପୌରପାଳିକା ନିର୍ବାହୀ ଅଧିକାରୀ ବସନ୍ତ ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଜିତେନ୍ଦ୍ର ମହାକୁଡ଼, ଓରମାସର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସପନ ଗୋସ୍ୱାମୀ, ବ୍ୟାଙ୍କ ଅଫ ଇଣ୍ଡିଆର ବରିଷ୍ଠ ପ୍ରବନ୍ଧକ ରବିନାରାୟଣ ମହାଳିକ, ଜିଲା ସୂଚନା ଓ ଲୋକସମ୍ପର୍କଅଧିକାରୀ ସାର୍ଥକ ରାୟ ପ୍ରମୁଖ ସାମିଲ ହୋଇଥିଲେ। ଶନିବାର ହ୍ୟାଣ୍ଡବଲ ପଡ଼ିଆରେ ଭୋଟର ସଚେତନତା ବାର୍ତ୍ତା ସମ୍ବଳିତ ପୋଷ୍ଟର ଉନ୍ମୋଚିତ ହୋଇଥିଲା।

### ବୈତରଣୀରେ ବାଲିଘାଟ ଶୁଭାରମ୍ଭ

ଆନନ୍ଦପୁର,(ଉମେଶ ଚନ୍ଦ୍ର ପାଢ଼ୀ) ରାମଚନ୍ଦ୍ରପୁର(ଗଣେଶ୍ୱର ସା),୮।୪

କେନ୍ଦୁଝର ଜିଲା ଆନନ୍ଦପୁର ବୈତରଣୀ ନଦୀରେ ବାଲିଘାଟର ଶୁଭାରମ୍ଭ ହୋଇଛି। ରବିବାର ପୂଜାର୍ଚ୍ଚନା ପରେ ବାଲି ଉତ୍ତୋଳନ ହୋଇଥିଲା। ଏ ନେଇ ଏକ ବର୍ଷ ତଳେ ପ୍ରଶାସନ ଓ ପ୍ରଦୂଷଣ ବିଭାଗ ପକ୍ଷରୁ ଜନଶୁଣାଣି କରାଯାଇଥିଲା। ଲିଜ୍‌ଧାରୀ ମାନସ ବାରିକଙ୍କ ସଂଯୋଜନାରେ ସାମାଜିକକର୍ମୀ ରତିକାନ୍ତ ରାଉତ, କବିନ୍ଦ୍ର ଖୁଣ୍ଟିଆ, ରମେଶ ସାହୁ, ପ୍ରସନ୍ନ ସା ପ୍ରମୁଖଙ୍କ ଉପସ୍ଥିତି ଥିଲେ। ଆନନ୍ଦପୁର ବାଲି ଘାଟ ନ ଥିବାରୁ ନିର୍ମାଣ ପାଇଁ ଲୋକମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଚୋରା କାରବାର ମଧ୍ୟ ବଢୁଥିଲା। ବାଲିଘାଟ କାର୍ଯ୍ୟକାରୀ ପରେ ଚୋରା ବାଲି ମାଫିଆଙ୍କ ପ୍ରାଦୁର୍ଭାବ ହ୍ରାସ ପାଇବ ବୋଲି ଆଶା ପ୍ରକାଶ ପାଇଛି।

### ଆନନ୍ଦପୁର ପ୍ରେସ ଫୋରମର ଜୋନ୍‌ସ୍ତରୀୟ ବୈଠକ

ରାମଚନ୍ଦ୍ରପୁର,୮।୪(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡର ଅଗ୍ରଣୀ ସାମ୍ବାଦିକ ସଂଘ ପ୍ରେସ ଫୋରମ ପକ୍ଷରୁ ୫ନଂ.ର ଜଳସୁଆଁ ଓ ୧୧ନଂ. ଜୋନର ସାଇଁକୁଳ, ମଛାଳ, ପଣ୍ଡୁଆ, ପଞ୍ଚାୟତ ସହ ସମସ୍ତ ୱାର୍ଡ ସଦସ୍ୟମାନଙ୍କୁ ନେଇ ସୋମବାର ସାଇଁକୁଳ ସିଦ୍ଧେଶ୍ୱର ମନ୍ଦିର ପରିସରରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଫୋରମର ଯୁଗ୍ମ ସଭାପତି ସଞ୍ଜୀବ ମାହାନ୍ତି ଯୋଗଦେଇ ବୈଠକରେ ୨୦୨୪ ସାଧାରଣ ନିର୍ବାଚନ ଅବ୍ୟବହୃତ ପୂର୍ବରୁ ଫୋରମ ଗଣମାଧ୍ୟମଙ୍କର ଆଭିମୁଖ୍ୟ ସହିତ ଏହି ପଞ୍ଚାୟତରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନକୁ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ପଞ୍ଚାୟତ ଗୁଡ଼ିକ ସମସ୍ୟାକୁ ପ୍ରଶାସନ ନିକଟରେ ପହଞ୍ଚାଇବା ଫୋରମର ସଭାପତି ପ୍ରତିକ୍ରିୟା ରଖିଥିବା ବେଳେ ୪ ପଞ୍ଚାୟତରେ ୱାର୍ଡ କମିଟି ଗଠନ କରିବା ସହ ଆସନ୍ତା ମାସରେ ଫୋରମ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, ସ୍ୱାସ୍ଥ୍ୟ ପରୀକ୍ଷଣ ଓ ଔଷଧ ବିତରଣ ପାଇଁ ସୂଚନା ଦେଇଥିଲେ। ଏଥିରେ ଜଳସୁଆଁ ପଞ୍ଚାୟତ ସଭାପତି ସୁନନ୍ଦ ଜେନା, ସାଇଁକୁଳର ଦୁଷ୍ମନ୍ତ ସ୍ୱାଇଁ, ପଣ୍ଡୁଆର ରାଜେଶ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିବା ବେଳେ ମଛାଳ ପଞ୍ଚାୟତ ସଭାପତି ଧର୍ମଧୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଷ୍ଟମ ପ୍ରହର, ଠାକୁର ଦର୍ଶନରେ ପ୍ରଚାର



ସଙ୍କୀର୍ତ୍ତନରେ ଜୟଦେବ ଯେନା ଯୋଗଦେଇଛନ୍ତି।

ସୋସୋ,୮।୪(ସତ୍ୟବ୍ରତ ଜେନା)

କେନ୍ଦୁଝର ଜିଲା ହାଟଡ଼ିହୀ ଅକରୁଆ ପଞ୍ଚାୟତ ଆମ୍ବଗଡ଼ିଆ ଗ୍ରାମରେ ଶନିବାର ଅଷ୍ଟମ ପ୍ରହର ନାମ ଯଜ୍ଞରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଯୋଗଦେଇଛନ୍ତି। ଦୀର୍ଘ ୧୦୫ ବର୍ଷ ଧରି ଉକ୍ତ ଅନୁଷ୍ଠାନ ଗଢି ଉଠିଥିବା ବେଳେ ଚଳିତ ବର୍ଷ ୧୦୬ ବର୍ଷରେ ପହଞ୍ଚିଛି। ଦୀର୍ଘ ୪୮ ଘଣ୍ଟା ହରି ନାମ ସଙ୍କୀର୍ତ୍ତନ ହୋଇଥିଲା। ଏଥିରେ ଆମ୍ବଗଡ଼ିଆ ଗ୍ରାମର ସମସ୍ତ ଗୌର ଭକ୍ତଙ୍କ ସହ ମୁରବି, ଯୁବକ, ଯୁବତୀଙ୍କ, ମା' ମାଉସୀ ଓ ବିଭିନ୍ନ ଗ୍ରାମରୁ ନିମନ୍ତ୍ରଣ ହୋଇ ଆସିଥିବା ଗୌର ଭକ୍ତ ଯୋଗଦେଇଥିଲେ।

## ଆନନ୍ଦେଶ୍ୱର ମନ୍ଦିରରେ ଜଗନ୍ନାଥଙ୍କ ପୂଜାର୍ଚ୍ଚନା

ପାଟଣା,୮।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ମୁଖ୍ୟାଳୟ ପାଟଣାସ୍ଥିତ ଆନନ୍ଦେଶ୍ୱର ଶିବ ମନ୍ଦିରରେ ସୋମବାର ବିଜେଡ଼ିର ପାଟଣା ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକ ପୂଜାର୍ଚ୍ଚନା ପରେ ଆଶୀର୍ବାଦ ନେଇ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ପଣ୍ଡିତ ପର୍ଶୁରାମ ପଣ୍ଡା ପୂଜା କରିବା ପରେ ସେ ମନ୍ଦିର ପରିସରରେ ଥିବା ହନୁମାନ, ରାଧା କୃଷ୍ଣ, ଶ୍ରୀରାମ ମନ୍ଦିରରେ ପୂଜା ଅର୍ଚ୍ଚନା କରିଥିଲେ। ଷଷ୍ଠ ଥର ପାଇଁ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବା ସୁନିଶ୍ଚିତ। ବିଜେଡ଼ି କାର୍ଯ୍ୟକର୍ତ୍ତା ଏ ନେଇ ପଣ କରିଛନ୍ତି। ପାଟଣାର ଜନ ସାଧାରଣ ବିକାଶ ପଛରେ ରହିବେ ବୋଲି ଜଗନ୍ନାଥ କହିଥିଲେ। କାର୍ଯ୍ୟକ୍ରମରେ ବିଜେଡି ବ୍ଲକ୍ ସଭାପତି ମାଧବା ନନ୍ଦ ପୃଷ୍ଟି, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ ଭଞ୍ଜ, ପାଟଣା ବ୍ଲକ୍ ବିଜେଡି



ବିଜେଡ଼ି କର୍ମକର୍ତ୍ତାଙ୍କ ସହ ପାଟଣା ବିଧାୟକ ଜଗନ୍ନାଥ ନାଏକ।

ପର୍ଯ୍ୟବେକ୍ଷକ ଦୀପକ ରାଜ, ସମିତି ସଭ୍ୟ ମୋହନ ସୁନ୍ଦର ମହାନ୍ତ, ବରିଷ୍ଠ ବିଜେଡି ନେତା ପ୍ରମୋଦ ଭଞ୍ଜ, ନିରଞ୍ଜନ ତ୍ରିପାଠୀ, ବଡ଼ ପାଟଣା ପଞ୍ଚାୟତ ବିଜେଡି ସଭାପତି ମହେନ୍ଦ୍ର ମିଶ୍ର, ବରିଷ୍ଠ ନେତା ଅଯୋଧ୍ୟା ବେହେରା, ଅବସରପ୍ରାପ୍ତ ଅଧ୍ୟାପକ ଅନନ୍ତ ଚନ୍ଦ୍ର ମହାନ୍ତ, ସେନା ନିବୃତ୍ତ କର୍ମଚାରୀ ଭରତ ଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

#### ଲୋକଙ୍କ ପାଖକୁ ଯିବାକୁ ବିଧାୟକଙ୍କ ଆହ୍ୱାନ

ଏହି ଅବସରରେ ମନ୍ଦିର ନିକଟ କଲ୍ୟାଣ ମଣ୍ଡପରେ ବିଜେଡିର ବଡପାଟଣା ପଞ୍ଚାୟତ ୮ଟି ବୁଥ୍‌ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବିଜେଡି ପାଟଣା ବିଜେଡି ସଂଯୋଜକ ଦୀପକ ରାଜଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ ଯୋଗଦେଇ ଉପସ୍ଥିତ ବିଜେଡି ନେତା ଓ କର୍ମୀଙ୍କୁ ତୃଣ ମୂଳସ୍ତରକୁ ଯାଇ ବିଜେଡି ସରକାରର ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଲୋକଙ୍କୁ ଅବଗତ କରାଇବା ପାଇଁ ଆହ୍ୱାନ ଦେଇଥିଲେ।

### ଭାଜପା କେନ୍ଦୁଝର ଏମ୍‌ପି, ଆନନ୍ଦପୁର ବିଧାୟକ ପ୍ରାର୍ଥୀଙ୍କ ପଥପ୍ରାନ୍ତ ସଭା

ହାଟଡ଼ିହୀ,(ଶୁଭକାନ୍ତ ନାୟକ)/ସୋସୋ(ସତ୍ୟବ୍ରତ ଜେନା)୮।୪: କେନ୍ଦୁଝର ଜିଲା ହାଟଡ଼ିହୀ ଓ ଢେଙ୍କା ପଞ୍ଚାୟତରେ ଭାଜପା କାର୍ଯ୍ୟକର୍ତ୍ତା ଓ ମାତୃଶକ୍ତିଙ୍କ ସହ କେନ୍ଦୁଝର ଭାଜପା ଏମ୍‌ପି ପ୍ରାର୍ଥୀ ଅନନ୍ତ ନାୟକ ଓ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ ବିଭିନ୍ନ ବୈଠକରେ ଯୋଗଦେଇ ପ୍ରଚାର କରିଛନ୍ତି। ହାଟଡ଼ିହୀର ତେଲ୍ଲୁକା ହାଟ ଓ ଢେଙ୍କାର ରାଇନଟାରେ ଭାଜପା ପକ୍ଷରୁ ଆୟୋଜିତ ପଥପ୍ରାନ୍ତ ସଭାରେ ବହୁ ସଂଖ୍ୟାରେ ମହିଳାଙ୍କ ସହ ଦୁଇ ପ୍ରାର୍ଥୀଙ୍କ ସମେତ ମହେଶ୍ୱର ସାହୁ, ରାମଚନ୍ଦ୍ର ସାହୁ, ହରମୋହନ ଶାସିନ, ସୁଶାନ୍ତ ଜେନା ପ୍ରମୁଖ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ବରିଷ୍ଠ ନେତା ପ୍ରେମାନନ୍ଦ ମିଶ୍ର, ସୁରେଶ ଓଝା, କନକ ଜେନା, ତୃପ୍ତିମୟୀ ଯେନା, କୃଷ୍ଣଚନ୍ଦ୍ର ଜେନା, ରାଜେଶ ଯେନା, ସୁନୀଲ ନାୟକ, ଅଶୋକ ଯେନା, ଯଗା ଦେବତା, ଦୀପକ ଜେନା, ଶଶିକାନ୍ତ ରାଉତ, ରୁଦ୍ରପ୍ରସାଦ ଜେନାଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

### 'କଂଗ୍ରେସ ହିଁ ଲୋକଙ୍କୁ ସୁଶାସନ ଦେଇପାରିବ'

ରାମଚନ୍ଦ୍ରପୁର,୮।୪(ଗଣେଶ୍ୱର ସା): କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ ଖଲଣା ପଞ୍ଚାୟତ ଖଲଣା ଆମ୍ବତୋଟାରେ କର୍ମୀ ସମାବେଶ ଅନୁଷ୍ଠିତ ହୋଇଛି। ଘସିପୁରା ବ୍ଲକ୍ କଂଗ୍ରେସ ସଭାପତି ସୁବ୍ରତ କୁମାର ଚକ୍ରଙ୍କ ସଭାପତିତ୍ୱରେ କଂଗ୍ରେସ ନେତାମାନେ ଯୋଗଦେଇ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି। ଜିଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ତ୍ରିଲୋଚନ ପରିଡ଼ା, ବରିଷ୍ଠ ନେତା ପ୍ରଶାନ୍ତ ପାଲ, ସରପଞ୍ଚ ବୃନ୍ଦାବନ ଜେନା, ପୂର୍ବତନ ବ୍ଲକ୍ କଂଗ୍ରେସ କମିଟି ସଭାପତି ଦିଲୀପ ଜେନା, ବରିଷ୍ଠ କଂଗ୍ରେସ ନେତା ବିପିନ ମାଝୀ ଉପସ୍ଥିତ ରହି ଆଗାମୀ ଦିନରେ କଂଗ୍ରେସ ହିଁ ଲୋକଙ୍କୁ ସୁଶାସନ ଦେଇପାରିବ ବୋଲି କହିଥିଲେ। ଯୁବନେତା ସୁବ୍ରତ କୁଅଁର, ବଳରାମ ବେହେରା, ମହୀଧର ରଣା, ସନାତନ ମାଝୀ, ଭବାନୀ ପତି, ବ୍ରହ୍ମାନନ୍ଦ ନାଏକ, ଦୈତାରୀ ମହାକୁଡ଼, କୃଷ୍ଣଚନ୍ଦ୍ର ନାଏକ, ସୋମନାଥ ଧୀର, ପ୍ରସନ୍ନ ଓଝା, ନିରାକାର ସାହୁ, ନବଘନ ସାହୁ, ଚଗଲା କୁଅଁର, ଟିକନ ମାଝୀ, ପ୍ରଭାସ ଜେନା, ଚିତ୍ତରଞ୍ଜନ ପରିଡ଼ା, ଯୁବ କଂଗ୍ରେସ ସଭାପତି ସମ୍ବିତ ଜେନା, କେଶବ ମାଝୀ, ମନୋଜ ସା, ଜଗତ ସା, ନିତ୍ୟାନନ୍ଦ ସା, ଦେବେନ୍ଦ୍ର ସା, ପ୍ରଶାନ୍ତ ବିଶ୍ୱାଳ, ନିରାକାର ରାଉତ, ବେଣୁଧର ମଲିକ ପ୍ରମୁଖ କର୍ମକର୍ତ୍ତା ଯୋଗଦେଇଥିଲେ।

### ନାମଯଜ୍ଞରେ କେନ୍ଦୁଝର ରାଣୀ ଓ ଆଶାୟୀ ପ୍ରାର୍ଥୀ

ପାଟଣା,୮।୪(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ପାଟଣା ପଞ୍ଚାୟତ ଝାଟିପଡ଼ା ଗ୍ରାମରେ ଶୁକ୍ରବାରଠାରୁ ଚବିଶ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ସୋମବାର ଭାଜପା ନେତା ଅବସର ପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ଭଜପା ପାଟଣା ନିର୍ବାଚନ ମଣ୍ଡଳୀ ପାଇଁ ଆଶାୟୀ ବିଧାୟକ ପ୍ରାର୍ଥୀ ଅଖିଳ ଚନ୍ଦ୍ର ନାଏକ ଯୋଗ ଦେଇ ସଙ୍କୀର୍ତ୍ତନରେ ସାମିଲ ହୋଇଥିଲେ। ଆଇନଜୀବୀ ଜୟଦେବ ବାରିକ, ଭାଜପା ନେତା ମଙ୍ଗଲୁ ବାରିକ, ସାମାଜିକ କର୍ମୀ ବଳରାମ ବାରିକ, ଧ୍ରୁବ ଚରଣ ବାରିକ, ଶାନ୍ତନୁ ବାରିକ, ଖବର ଦାତା ରଞ୍ଜନ ବାରିକ, ମୁରଲୀ ବାରିକ ଓ ଚିନ୍ତାମଣି ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ରବିବାର ସନ୍ଧ୍ୟାରେ କାର୍ଯ୍ୟକ୍ରମରେ କେନ୍ଦୁଝର ରାଣୀ ସୁନନ୍ଦିନୀ ଭଞ୍ଜଦେଓ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ନୀତିକାନ୍ତିରେ ପଣ୍ଡିତ ତରୁଣ କୁମାର ତ୍ରିପାଠୀ ପୂଜା ଅର୍ଚ୍ଚନା କରିଥିବା ବେଳେ କର୍ତ୍ତା ଭାବେ ପ୍ରମୋଦ ଦେହୁରୀ, ବାବୁ ବାରିକ, ଭୁବନେଶ୍ୱର ବାରିକ ଦେବ ନୀତି ସମ୍ପନ୍ନ କରିଥିଲେ। ସଂକୀର୍ତ୍ତନ ମଣ୍ଡଳୀରେ ଘୁଟୁରୁ, ପଦ୍ମପୁର ପୁଟୁଳିଆ, ବିରଳର ତାଳପଦା, ଠାକୁରମୁଣ୍ଡାର ବାଉଁଶଡ଼ିହା ପ୍ରମୁଖ କୀର୍ତ୍ତନ ଦଳ କୀର୍ତ୍ତନ ପରିବେଷଣ କରୁଛନ୍ତି। ଗ୍ରାମର ବଳରାମ ବାରିକ, ଶାନ୍ତନୁ ବାରିକ, ସୁଦର୍ଶନ ମହାରଣା, ରଞ୍ଜନ ବାରିକ, ମୁରଲୀ ବାରିକ ଓ ଚିନ୍ତାମଣି ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

